### ୨୭ରେ ସମଲେଇ ପ୍ରକଳ୍ପ ଲୋକାର୍ପଣ ଉତ୍ସବ

# ୩୦ ଜିଲ୍ଲାକୁ ନିମନ୍ତ୍ରଣ ପାଇଁ ଗଲେ ପୂଜକ

**ସମ୍ବଲପୁର, ୧୬।୧(ସମିସ)**

ବହୁ ପ୍ରତିକ୍ଷିତ ସମଲେଇ ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଆସନ୍ତା ୨୭ ତାରିଖରେ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ରାଜ୍ୟର ସମସ୍ତ ଜିଲ୍ଲାର ମନ୍ଦିରର ଦେବାଦେବୀଙ୍କୁ

## ସ୍ୱତନ୍ତ୍ର ପୂଜା ପରେ ବାହାରିଲେ

ନିମନ୍ତ୍ରଣ କରାଯିବ। ଏଥିପାଇଁ ଆଜି ଟ୍ରଷ୍ଟବୋର୍ଡ ସଦସ୍ୟ, ପ୍ରଶାସନର ଅଧିକାରୀ, ପୂଜକ ମଣ୍ଡଳୀକୁ ନେଇ ଗଠିତ ୫ ଟି ଦଳ ନିମନ୍ତ୍ରଣ ପାଇଁ ଜିଲ୍ଲା ଗୁଡିକୁ ଗସ୍ତ କରିଛନ୍ତି। ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ, ସମଲେଇ ପ୍ରକଳ୍ପ ସ୍ୱତନ୍ତ୍ର ଅଧିକାରୀ ଏଡିଏମ ଉମାକାନ୍ତ ରାଜ୍, ପ୍ରଶାସନିକ ଅଧିକାରୀ ସଞ୍ଜିବ ପଟେଲଙ୍କ ତତ୍ତ୍ୱାବଧାନରେ ରାଜ୍ୟର ୩୦ ଜିଲ୍ଲା ସହିତ ରାଜ୍ୟ ବାହାରେ ଥିବା ସମଲେଇ ମନ୍ଦିରକୁ ନିମନ୍ତ୍ରଣ ପାଇଁ ଯିବେ। ଆଜି ଝାରସୁଗୁଡ଼ା, ସୁନ୍ଦରଗଡ଼, ନୂଆପଡ଼ା, କଳାହାଣ୍ଡି, ଦେବଗଡ଼,



କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, କନ୍ଧମାଳ, ବୌଦ୍ଧ, ନୟାଗଡ଼କୁ ନିମନ୍ତ୍ରଣ କରାଯାଇଛି। ୧୭ ତାରିଖରେ ବରଗଡ଼, ବଲାଙ୍ଗୀର, ନବରଙ୍ଗପୁର, କୋରାପୁଟ, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ପୁରୀକୁ ନିମନ୍ତ୍ରଣ କରାଯିବ। ୧୮ ତାରିଖରେ ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଢେଙ୍କାନାଳ, ଅନୁଗୁଳ, ମାଲକାନଗିରି, ରାୟଗଡ଼ା, ବରଗଡ଼, ବଲାଙ୍ଗୀର ଓ ଛତିଶଗଡ଼କୁ ନିମନ୍ତ୍ରଣ ଦିଆଯିବ ବୋଲି ସୂଚନା ଦିଆଯାଇଛି। ୧୯ ତାରିଖରେ କଟକକୁ ନିମନ୍ତ୍ରଣ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ମୋଟ ୧୩୭ଟି ମନ୍ଦିରକୁ ନିମନ୍ତ୍ରଣ କରାଯିବ। ଟ୍ରଷ୍ଟ ସଦସ୍ୟ ଓ ଦୁଇ ଜଣ ପୂଜାରୀଙ୍କ ସହ ଜଣେ ଅଧିକାରୀଙ୍କୁ ନେଇ ଟିମ ଗଠନ ହୋଇଛି। ସମ୍ବଲପୁରରେ ଚାଉଁରପୁରର ମା' ସମଲେଶ୍ୱରୀ ମନ୍ଦିର, ଖିଣ୍ଡାର ମା' ସମଲେଶ୍ୱରୀ ମନ୍ଦିର, ରେଙ୍ଗାଲିର ମା' ସମଲେଶ୍ୱରୀ ମନ୍ଦିର, ଲାଇଡ଼ାର ମା' ସମଲେଶ୍ୱରୀ ମନ୍ଦିର, କୁଚିଣ୍ଡାର ମା' ସମଲେଶ୍ୱରୀ ମନ୍ଦିର, ହିରୋର ମା' ସମଲେଶ୍ୱରୀ ମନ୍ଦିର, ଘେନୁପାଲିର ମା' ସମଲେଶ୍ୱରୀ ମନ୍ଦିର, ଭିକାମପୁରର ମା' ସମଲେଶ୍ୱରୀ ମନ୍ଦିର, ତାଳବର ମା' ସମଲେଶ୍ୱରୀ ମନ୍ଦିର, ତାଳବର ମା' ସମଲେଶ୍ୱରୀ ମନ୍ଦିର, କେଛୁପାଣିର ମା' ସମଲେଶ୍ୱରୀ ମନ୍ଦିର, ପାହାଡ଼େଶ୍ୱର ବାବା ମନ୍ଦିର, ମନ୍ଧାତାବାବା ମନ୍ଦିର, ହୁମା ବକ୍ରା ମନ୍ଦିର, କୁଞ୍ଜମୁରା ମନ୍ଦିର, ମା' ପାଟେଶ୍ୱରୀ ମନ୍ଦିର, ମା' ଘଣ୍ଟେଶ୍ୱରୀ ମନ୍ଦିର, ମା' ଦୁର୍ଗା ମନ୍ଦିର, ମା' ବନଦୁର୍ଗା, ଭଗବାନମୁଣ୍ଡାର ମା' ସମଲେଶ୍ୱରୀ ମନ୍ଦିର, ମା' ସମଲେଶ୍ୱରୀ ମନ୍ଦିର, ମା' ଚଣ୍ଡୀ ମନ୍ଦିର ଓ ମା' ଦକ୍ଷୀଣକାଳୀ ମନ୍ଦିରକୁ ପ୍ରଦାନ କରାଯିବ।

## ୨୭ରେ ସମଲେଇ ପ୍ରକଳ୍ପ ଲୋକାର୍ପଣ, ଉଚ୍ଚସ୍ତରୀୟ ବୈଠକ

**ସମ୍ବଲପୁର, ୧୬।୧(ସମିସ):** ସମ୍ବଲପୁର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଆଜି ପୂର୍ବାହ୍ନ ୧୧ଟାରେ ସମଲେଇ ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମଲେଇ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ତେଣୁ ସୁରକ୍ଷା ବ୍ୟବସ୍ଥା, ପୁଜା ବ୍ୟବସ୍ଥା, ଭକ୍ତଙ୍କ ସମାଗମ ପାଇଁ ସୁରକ୍ଷିତ ଦର୍ଶନ ଭଳି ସମସ୍ତ ବିଷୟରେ ଆଲୋଚନା ହୋଇଛି। ଏହି କାର୍ଯ୍ୟକ୍ରମର ମଣ୍ଡପ ନିର୍ମାଣ, ପ୍ରସାଦ ପ୍ରଦାନ, ପୁଲିସ କଣ୍ଟ୍ରୋଲ ରୁମ୍, ସିସିଟିଭି ସେଟଅପ୍, ଆମ୍ବୁଲାନ୍ସ ଓ ଡାକ୍ତରଙ୍କୁ ନେଇ ମେଡିକାଲ ରୁମ୍, ହେଲ୍ପ ଡେସ୍କ, ଗଣମାଧ୍ୟମ ପରିଚାଳନା, ସଫେଇ ଓ ପରିମଳ ଓ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଆଜିର ବୈଠକରେ ରାଜସ୍ୱ ବିଭାଗୀୟ କମିଶନର (ଉତ୍ତରାଞ୍ଚଳ) ସୁରେଶ ଚନ୍ଦ୍ର ଦଳାଇ, ପୁଲିସ ଉପମହାନିରୀକ୍ଷକ ଡ. ଦୀପକ କୁମାର, ଜିଲ୍ଲାପାଳ ଅନନ୍ୟା ଦାସ, ଏସ.ଏମ.ସି କମିଶନର ବେଦ ଭୂଷଣ, ରେହାନ କ୍ଷେତ୍ରୀ, ଅତିରିକ୍ତ ଜିଲ୍ଲାପାଳ କଟକ ତଥା ସମଲେଇ ପ୍ରକଳ୍ପ ସ୍ୱତନ୍ତ୍ର ଅଧିକାରୀ ଉମାକାନ୍ତ ରାଜ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ପ୍ରଦୀପ ସାହୁ, ଅତିରିକ୍ତ ଜିଲ୍ଲାପାଳ ଜେନେରାଲ ଅଜାମ୍ବର ମହାନ୍ତି, ସମଲେଇ ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।



## ଯୁଯୁମୁରା ବ୍ଲକ ସମ୍ମିଳନୀ କକ୍ଷରେ ସମିତି ବୈଠକ

**ଯୁଯୁମୁରା, ୧୬।୧(ସମିସ):** ଯୁଯୁମୁରା ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ମମତା ନାଏକଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଆରମ୍ଭ ହୋଇ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବିଡ଼ିଓ ବିଜୟ କୁମାର ସଏ, ଉପାଧ୍ୟକ୍ଷା ମନ୍ଦାକିନୀ ବିଶ୍ୱାଳ, ଜିଲ୍ଲାପରିଷଦ ଉପସଭାପତି ମାଧବ ମିର୍ଦ୍ଧା, ଜିଲ୍ଲା ପରିଷଦ ଜୋନ୍ ୧ ସଦସ୍ୟା କବିତା ସାହୁ, ବିଧାୟକଙ୍କ ପ୍ରତିନିଧି ବିନୋଦ ବଡ଼ପଣ୍ଡା ଉପସ୍ଥିତ ଥିଲେ। ଏହା ସହ ସମସ୍ତ ୧୮ ଗୋଟି ପଞ୍ଚାୟତମାନଙ୍କର ସମିତି ସଭ୍ୟ ଏବଂ ସରପଞ୍ଚମାନେ ଉପସ୍ଥିତ ରହିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ରାଜସ୍ୱ, କୃଷି, ପିଡବ୍ଲୁଡ଼ି, ଉଦ୍ୟାନ କୃଷି, ସମ୍ମନିତ ଶିଶୁ ବିକାଶ ଯୋଜନା, ଏମ ଆଇ, ଜଳ ବିଭାଜିକା, ମିଶନ ଶକ୍ତି ତଥା ସମସ୍ତ ସରକାରୀ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ସବୁ ପ୍ରଶ୍ନର ଉତ୍ତର ରଖିଥିଲେ।




### ଜୟନ୍ତପୁରରେ ବିଭାଜନସ୍ତରୀୟ ପକ୍ଷ ପାଳନ

## 'ମନମୁଖି ବିଲ୍, ବିଦ୍ୟୁତ୍ କାଟ୍ ବନ୍ଦ କର'

**ଯୁଯୁମୁରା, ୧୬।୧(ସମିସ):** ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ଅଧିନସ୍ଥ ଉଠାଜଳସେଚନ ନିଗମ ସମ୍ବଲପୁର ପକ୍ଷରୁ ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଉତ୍ସବ ଜୟନ୍ତପୁର କଲ୍ୟାଣ ମଣ୍ଡପ ଠାରେ ଆଜି ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ରେଢ଼ାଖୋଲ ବିଧାୟକଙ୍କ ପ୍ରତିନିଧି ଗୋପି ରଞ୍ଜନ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତଚନ୍ଦ୍ର ସାହୁ, ସ୍ଥାନୀୟ ସରପଞ୍ଚ ଆରତୀ ତାଣ୍ଡିଆ, ଯୁଯୋମୁରା ବ୍ଲକ କୃଷି ସହକାରୀ ଅଧିକାରୀ ଇପ୍ସିତା ନାଏକ ଓ ଉଠାଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ସୂର୍ଯ୍ୟ ନାରାୟଣ ତ୍ରିପାଠୀ, ନିର୍ବାହୀ ଯନ୍ତ୍ରୀ ଇଂ ପ୍ରଦିପ କୁମାର ସ୍ୱାଇଁ, ବିଦ୍ୟୁତ ଉପ ନିର୍ବାହୀ ଯନ୍ତ୍ରୀ ଇଂ ରବୀନ୍ଦ୍ର ନାଥ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ନିରଞ୍ଜନ ନାଏକ, ଇଂ ଶ୍ୟାମ ସୁନ୍ଦର ସାହୁ ଓ ବିଭାଗର ଅନ୍ୟ ଅଧିକାରୀଙ୍କ ଉପସ୍ଥିତ ରହିଥିଲେ। ଜିଲ୍ଲାର ବିଭିନ୍ନ ଉଠାଜଳସେଚନ ପ୍ରକଳ୍ପର ପାଣିପଞ୍ଚାୟତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉକ୍ତ ସଭାରେ ବିଭାଜନ ସ୍ତରୀୟ ପାଣିପଞ୍ଚାୟତ କର୍ମଶାଳାରେ କୃଷି ପାଇଁ ଜଳ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଓ ପାଣିପଞ୍ଚାୟତର ଚାଷୀମାନଙ୍କ ଅଭିଭାଷଣରେ ଚାଷୀମାନେ କିପରି ଜଳର ସୁବିନିଯୋଗ କରି ଚାଷ କାର୍ଯ୍ୟକୁ ସୂଚାରୁ ରୂପେ



ପରିଚାଳନା କରିବେ ତାହା ଦୃଷ୍ଟି ଆକର୍ଷଣ କରିଥିଲେ। ଏଥି ସହିତ ଚାଷୀମାନଙ୍କର ପ୍ରମୁଖ ଅଭିଯୋଗ ଥିଲା ମନୋମୁଖୀ ବିଦ୍ୟୁତ ବିଲ୍ ଦେବା, ଚାଷ ସମୟରେ ବିଦ୍ୟୁତ କାଟ ହେବା ଭଳି ଘଟଣା ଯୋଗୁ ଚାଷ କାର୍ଯ୍ୟରେ ବହୁତ ସମସ୍ୟା ଦେଖା ଦେଉଛି। ଦୀର୍ଘ ବର୍ଷର ପୁରୁଣା ଉଠାଜଳସେଚନ ପ୍ରକଳ୍ପ ଗୁଡିକର କିପରି ମରାମତି କାର୍ଯ୍ୟ ହୋଇପାରିବ ଚାଷୀମାନେ ମତ ରଖିଥିଲେ।

## ମହିଳା କଲେଜରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର

**ରେଢ଼ାଖୋଲ, ୧୬।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ମହିଳା ମହାବିଦ୍ୟାଳୟ ପରିସରରେ ଆଜି ଏକ ଆତ୍ମସୁରକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିରରେ ୮ ଦିନ ଧରି ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଶିବିରରେ ଅନୁଷ୍ଠାନର ଅଧ୍ୟକ୍ଷା ମମତା ବିଶ୍ୱାଳ, ସୁନୀତା ମିଶ୍ର, ପୁଲିସ ଏସଆଇ ଅସୀମା ଏକ୍କା, ପ୍ରଶିକ୍ଷକା ଏଲ୍ ବିଷ୍ଣୁପ୍ରିୟା ଓ ଦୀପାଞ୍ଜଳୀ ବାର୍ଲା ପ୍ରମୁଖ ମଞ୍ଚାସିନ ଥିଲେ। ଅତିଥିମାନେ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଛାତ୍ରୀମାନେ ଆତ୍ମସୁରକ୍ଷା ପାଇଁ ପ୍ରଶିକ୍ଷଣ ମାଧ୍ୟମରେ ଦକ୍ଷତା ହାସଲ କରି ଉପସ୍ଥିତ ବୁଦ୍ଧି ଖଟାଇ ନିଜକୁ ସୁରକ୍ଷିତ ରଖିବା ଶ୍ରେୟସ୍କର ବୋଲି ଅଧ୍ୟକ୍ଷା ମତ ପ୍ରକାଶ କରିଥିଲେ। ପ୍ରଶିକ୍ଷଣ ଦାୟିତ୍ୱରେ ଥିବା ସଂଯୋଜକ ଅଧ୍ୟାପିକା କଳ୍ପନା ସାହୁ ଅତିଥିଙ୍କୁ ସ୍ୱାଗତ ଜଣାଇ ସଭା ସଂଯୋଜନା କରିଥିଲେ। ଏଥିରେ କଳା ଓ ବିଜ୍ଞାନ ବିଭାଗର ସମସ୍ତ ଛାତ୍ରୀମାନେ ଉପସ୍ଥିତ ରହିଥିଲେ। ଶେଷରେ ସୁନୀତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




### ରେଢ଼ାଖୋଲ ଅଭିଯୋଗ ଶୁଣାଣିରେ ୩୩ ଅଭିଯୋଗ ଗ୍ରହଣ

## ସୂଚନା ଅଭାବରୁ ହ୍ରାସ ପାଉଛି ଅଭିଯୋଗକାରୀଙ୍କ ସଂଖ୍ୟା

**ରେଢ଼ାଖୋଲ, ୧୬।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ କାର୍ଯ୍ୟାଳୟ ସ୍ଥିତ ରାଜୀବ ଗାନ୍ଧୀ ସଭା ଗୃହ ଠାରେ ଆଜି ଏକ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏହି ଶିବିରରେ ସମୁଦାୟ ୩୪ଟି ଅଭିଯୋଗ ଗ୍ରହଣ ତଥା ପଞ୍ଜିକୃତ ହୋଇଥିଲା। ଅଭିଯୋଗ ଗୁଡ଼ିକ ମଧ୍ୟରେ ୨୬ଟି ବ୍ୟକ୍ତିଗତ ଓ ୮ଟି ଗୋଷ୍ଠୀଗତ ରହିଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ଏପିଡି) ଟୁନୁ ମେହେର ଯୋଗଦେଇ ଅଭିଯୋଗ ଗୁଡିକର ଶୁଣାଣି କରିବା ସହ ଲୋକଙ୍କ ଅଭିଯୋଗ ଗୁଡିକ ତୁରନ୍ତ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜନ ଅଭିଯୋଗ ଶୁଣାଣିରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ରାସନ କାର୍ଡ, ଭତ୍ତା, ବିଦ୍ୟାଳୟ ଉନ୍ନତି କରଣ ସହିତ ବିଭିନ୍ନ ସମସ୍ୟା




ସଂକ୍ରାନ୍ତୀୟ ସମସ୍ୟା ଉପରେ ଅଭିଯୋଗ ଦାଖଲ ହୋଇଥିଲା। ଏହି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ଏଲବିସ କେରକେଟା, ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମୀ ରଞ୍ଜନ ମହନ୍ତ, ତହସିଲଦାର ଦେବାଶିଷ ପାତ୍ର, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବିଡ଼ିଓ ମନୋଜ କୁମାର ମେହେର, ଜିଲ୍ଲା ଶିକ୍ଷା ଅଧିକାରୀ ମୀନା ରାଣୀ ମଙ୍ଗଳ, ବ୍ଲକ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ନାୟକ, ସିଡିଏମଓ ପୂର୍ଣ୍ଣ ଚନ୍ଦ୍ର ସାହୁ ଓ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ସଠିକ୍ ସମୟରେ ସୂଚନା ପ୍ରଦାନ କରାଯାଉ ନଥିବାରୁ ଅଭିଯୋଗକାରୀଙ୍କ ସଂଖ୍ୟା କମିବାରେ ଲାଗିଥିବା ସାଧାରଣରେ ଚର୍ଚ୍ଚା ହେଉଛି।




## ବାଇକ୍ ଦୁର୍ଘଟଣା: ଜଣେ ମୃତ, ଜଣେ ଗୁରୁତର

**ରେଢ଼ାଖୋଲ, ୧୬।୧ (ସମିସ):** ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ କଦଳିଗଡ଼ ଗ୍ରାମରୁ କିଶୋରନଗର ରାସ୍ତା କାଙ୍କଣପଡ଼ା ଗ୍ରାମ ତାରିଣୀ ମନ୍ଦିର ନିକଟରେ ବିଳମ୍ବିତ ରାତିରେ ଏକ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣା ଗସ୍ତ ହୋଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ଜଣଙ୍କ ହେଲେ ବଡ଼କଷିବାହାଲ ଗ୍ରାମର ଜବାନୀ ପ୍ରଧାନ ଓ ଗୁରୁତର ଆହତ ଯୁବକ ଜଣଙ୍କ ପିଣ୍ଟୁ ପ୍ରଧାନ। ସୂଚନା ଯୋଗ୍ୟ ଯେ, ଦୁଇ ଜଣ ଏକ ବାଇକ ଯୋଗେ ଓରୋଡା ଗ୍ରାମକୁ ମକର ସଂକ୍ରାନ୍ତି ଯାତ୍ରା ଦେଖି ନିଜ ଗ୍ରାମ ବଡ଼କଷିବାହାଲ ଗ୍ରାମକୁ ଫେରୁଥିବା ବେଳେ କାଙ୍କଣପଡ଼ା ଗ୍ରାମ ତାରିଣୀ ମନ୍ଦିର ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଥିଲେ। ଫଳରେ ଘଟଣା ସ୍ଥଳରେ ଜବାନୀଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଯୁବକ ପିଣ୍ଟୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟକୁ ଆଣି ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରଣ କରିଛନ୍ତି। ସେପଟେ ରେଢ଼ାଖୋଲ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଯୁବକଙ୍କ ଶବ ଜବତ କରି ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।



## ଭଟଲି ବ୍ଲକର ଅନ୍ତିମ ପର୍ଯ୍ୟାୟ ସାମାଜିକ ସମୀକ୍ଷା

**ଭଟଲି,୧୬।୧(ସମିସ):** ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଏବଂ କେନ୍ଦ୍ରୀୟ ଖାଦ୍ୟ ସୁରକ୍ଷା ଯୋଜନାର ସାମାଜିକ ସମୀକ୍ଷା ଗ୍ରାମସଭା ଭଟଲି ବ୍ଲକ ଅନ୍ତର୍ଗତ ଉର୍ଦ୍ଧୁନା, ନୂଆଁଗଡ଼ ଏବଂ ଭଡ଼ିଗାଁ ଗ୍ରାମପଞ୍ଚାୟତରେ ଗୋଷ୍ଠୀ ସାମାଜିକ ସମୀକ୍ଷକ ମାଧବ ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମସଭାରେ ଉର୍ଦ୍ଧୁନା ସରପଞ୍ଚ ଗୋବିନ୍ଦ ପ୍ରଧାନ, ନୂଆଁଗଡ଼ ସରପଞ୍ଚ ଦୁର୍ଗାସା ପ୍ରଧାନ, ଭଡ଼ିଗାଁ ସରପଞ୍ଚ ହେମନ୍ତ ମହାପାତ୍ର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ୟାସୀ ସେଠ୍, ମହେନ୍ଦ୍ର ସାହୁ, ଗ୍ରାମ ରୋଜଗାର ସେବକ ନିର୍ମଳ ସାହୁ, ସଚିଦାନନ୍ଦ ଖମାରୀ, କୁମୋଦିନୀ ଭୁଏ, ଗ୍ରାମ୍ୟ ସମ୍ପଦ କର୍ମୀ, ଶ୍ରମିକ, ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟ, ଅଙ୍ଗନବାଡି କର୍ମୀ ତଥା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ। ରେକର୍ଡପତ୍ର ଯାଞ୍ଚ ସମୟରେ ବାହାରିଥିବା ବିଭିନ୍ନ ସମସ୍ୟାର ସମାଧାନ କରିବାପାଇଁ ଗ୍ରାମସଭାରେ ପ୍ରସ୍ତାବ ଗୃହୀତ ହୋଇଛି। ଗ୍ରାମ୍ୟ ସମ୍ପଦ କର୍ମୀ ବିନା ଅଦାବର, ଲେଖା ମଲ୍ଲିକ, ସାବିତ୍ରୀ ସା, ପଦ୍ମାବତୀ ସାହୁ, ଗୋଲାବତୀ ଭୋଇ, ସୌଦାମିନୀ ମହାନନ୍ଦ ଏବଂ ଶୈଳେଶ ମହାନନ୍ଦ ଯୋଗ ଦେଇଥିଲେ।



# ୫ ଶହ ଚୋରା ଗ୍ୟାସ୍ ସିଲିଣ୍ଡର ଜବତ: ୯ ଗିରଫ





**ବରଗଡ଼, ୧୬।୧(ସମିସ)**

ବରଗଡ଼ ଜିଲ୍ଲା ପୁଲିସକୁ ମିଳିଛି ବଡ଼ ସଫଳତା। ଅତାବିରା ଇଣ୍ଡେନ ଗ୍ୟାସ କମ୍ପାନୀର ଗୋଦାମରୁ ଲୁଟ ହୋଇଥିବା ସିଲିଣ୍ଡର ଏବଂ ବିଭିନ୍ନ ଗୋଦାମରୁ ଲୁଟ ୫ ଶହ ଗ୍ୟାସ ସିଲିଣ୍ଡର ଜବତ ସହ ୯ ଜଣଙ୍କୁ ଗିରଫ କରିବାରେ ସଫଳତା ମିଳିଛି। ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ ମହାନ୍ତି ଏନେଇ ସୂଚନା ଦେଇଛନ୍ତି। ଗିରଫ ବ୍ୟକ୍ତିମାନେ ସମ୍ବଲପୁର ଜିଲ୍ଲାର ମାଝିପାଲିର ଡାନିଏଲ କେର୍କେଟା, ଗୋପାଳପାଲିର ଆଶିଷ ସିଂ, ସୁନାପାଲିର ଦେବାଶିଷ ସେନାପତି, ସାପଲହର ଡିଲେଶ୍ୱର ପରିଡ଼ା, ମାଝିପାଲିର ସଞ୍ଜୟ ପ୍ରଧାନ, ଦଣ୍ଡେଇପାଲିର ତାପସ ପ୍ରଧାନ, କନଖଣ୍ଡାର ବିବେକାନନ୍ଦ ସାହୁ, ଖେତରାଜପୁରର ଫିରୋଜ ଖାନ ଏବଂ ହୀରାକୁଦର ନରେଶ ସାହୁ। ସେମାନଙ୍କ ମଧ୍ୟରୁ ତିନି ଜଣ କ୍ରେତା ବୋଲି ସୂଚନା ଦିଆଯାଇଛି। ୫୦୦ଟି ବିଭିନ୍ନ କମ୍ପାନୀର ଗ୍ୟାସ ଭର୍ତି

**■ ଛତିଶଗଡ଼ ଅଞ୍ଚଳରୁ ଲୁଟ୍ କରି ଫେରୁଥିବା ବେଳେ ଧରାପଡ଼ିଲେ**

**■ ବିଭିନ୍ନ ଥାନାରେ ରହିଛି ୯ଟି ମାମଲା**

ସିଲିଣ୍ଡର ସହ ୪ଟି ଲୁହା ଛଡ଼, ଗୋଟିଏ କଟର, ଗୋଟିଏ ଟିଭିଏସ ମୋଟର ସାଇକଲ, ଗୋଟିଏ ଭୁଜାଲି, ଆଠଟି ମୋବାଇଲ ଓ ଗୋଟିଏ ଚାରିଚକିଆ ଗାଡି ଜବତ କରିଛି। ଗତ ଡିସେମ୍ବର ୪ ତାରିଖ ଅତାବିରା ଥାନାଞ୍ଚଳର ସିଦ୍ଧାର୍ଥ ପଣ୍ଡା ନାମକ ଜଣେ ଗ୍ୟାସ ବ୍ୟବସାୟୀଙ୍କ ଗୋଦାମରୁ ସିକ୍ୟୁରିଟି ଗାର୍ଡକୁ ଭୟଭୀତ କରି ୧୫୮ଟି ଗ୍ୟାସ ଭର୍ତ୍ତି ସିଲିଣ୍ଡର ନେଇ ଯାଇଥିଲେ। ସେହିପରି କିଛି ମାସ ପୂର୍ବରୁ ସମାନ ଧରଣର ଲୁଟ ବରପାଲି ଥାନା ଅଞ୍ଚଳରେ ହୋଇଥିଲା। ଏହି ମାମଲାରେ ଏସଡିପିଓ ପଦାରବିନ୍ଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅତାବିରା ଥାନାଧିକାରୀ ସୁକୁମାର ତ୍ରିପାଠୀ, ବରଗଡ଼ ଟାଉନ ଥାନାଧିକାରୀ ସତ୍ୟଜିତ କାଣ୍ଡେଲକେଲ, ବରପାଲି ଥାନାଧିକାରୀ ଜୟରଶ୍ମି ସେଠୀ, ଏସଆଇ ସୁଶାନ୍ତ ସାହୁ, ଏସଆଇ ରଶ୍ମିରଞ୍ଜନ ହୋତା, ଏସଆଇ ସୌମ୍ୟ ପାତ୍ର, ଏସଆଇ ଅମିତ ଖେସଙ୍କୁ ନେଇ ତିନୋଟି ଟିମ ଗଠନ ଗତକାଲି ୯ ଜଣଙ୍କୁ ଗିରଫ କରିଥିଲା। ତିନି ଜଣ ଅଭିଯୁକ୍ତ ଗତକାଲି ପଡୋଶୀ ଛତିଶଗଡ଼ ରାଜ୍ୟରେ ସମାନ ଭାବେ ଗୋଟିଏ ଗୋଦାମରୁ ଲୁଟ କରି ଫେରୁଥିବା ବେଳେ ପୁଲିସ ସେମାନଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ପୁଲିସ ଓଡି ୧୫ ଟି ୮୪୧୨ ନମ୍ବରର ଗାଡିରେ ବୋଝେଇ ହୋଇଥିବା ୧୧୦ଟି ଚୋରି ଗ୍ୟାସ ସିଲିଣ୍ଡର ଜବତ କରିଥିଲା। ପରେ ଅନ୍ୟମାନଙ୍କୁ ଗିରଫ କରିବା ସହ ୫୦୦ ଚୋରି ଗ୍ୟାସ ସିଲିଣ୍ଡର ଜବତ କରିଥିଲା। ସେମାନଙ୍କ ନାମରେ ଅତାବିରା ଥାନା ସମେତ ସୋନପୁର, ବଲାଙ୍ଗିର, ଝାରସୁଗୁଡା ଓ ସମ୍ବଲପୁର ଜିଲ୍ଲାର ବିଭିନ୍ନ ଥାନାରେ ୯ଟି ମାମଲା ରହିଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏଏସପି ମହାନ୍ତି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ବିରିପାଲି ମକର ମେଳାରେ ପଣ୍ୟାଗାର ଅଧକ୍ଷା

**ଦହିତା, ୧୬।୧ (ସମିସ):** ପୂର୍ବତନ ରାଜ୍ୟ ପଣ୍ୟାଗାର ଅଧକ୍ଷ ସ୍ୱର୍ଗତ ମହେନ୍ଦ୍ର ବଡ଼େଇଙ୍କ ଧର୍ମପତ୍ନୀ ରାଜ୍ୟ ପଣ୍ୟାଗାର ନିଗମ ଅଧକ୍ଷା ମଞ୍ଜୁଶ୍ରୀ ବଡ଼େଇ ବିରିପାଲି ଶିବ ମନ୍ଦିର ମକର ମେଳା କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ସ୍ୱାମୀଙ୍କ ସ୍ମୃତିରେ ଅନ୍ନ ପ୍ରସାଦ ବ୍ୟବସ୍ଥା କରିବା ସହ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିଥିଲେ। ପରିଚାଳନା କମିଟିରୁ ତୁଳାରାମ ପାଣ୍ଡେ, କରୁଣାକର ସାହୁ, ଟୁନୁ ବେହେରା, ସୁରେଶ ଚାନ୍ଦ, ସରପଞ୍ଚ ବିଧୁ ଚାନ୍ଦ, ରମେଶ ଚାନ୍ଦ, ମୋତିଲାଲ ପୋଢ ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।





ଅମ୍ବାଭୋନା ବ୍ଲକ୍ ବାଞ୍ଜିପାଲି ପଞ୍ଚାୟତ ଅର୍ଜୁଣ୍ଡା ମହାନଦୀ ତଟସ୍ଥ ମାଁ ପଥରାସେନୀ ପୀଠରେ ମକର ସଂକ୍ରାନ୍ତି ଅବସରରେ ଶ୍ରଦ୍ଧାଳୁଙ୍କ ଆଳତି କାର୍ଯ୍ୟକ୍ରମ।

## ଅଜଣା ବ୍ୟକ୍ତି ଉଦ୍ଧାର

**ଭେଡେନ, ୧୬।୧(ସମିସ):** ଭେଡେନ ବ୍ଲକ ସୁନାଲରମ୍ଭର ପଞ୍ଚାୟତର ବାଦୀ ଗ୍ରାମରେ ଏକ ଅଜଣା ବ୍ୟକ୍ତି ବୁଲାବୁଲି କରୁଥିବା ବେଳେ ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଚିକିତ୍ସା କରାଯାଇଛି। କିଛି ଯୁବକ ଗାଁର ଅଶୋକ ସୁନାଙ୍କୁ ଫୋନ ଯୋଗେ ଜଣାଇଥିଲେ। ପରେ 'ସେବା ପରିବାର' ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ତୀର୍ଥରାଜ ଭୋଇ, ସଭାପତି ନରେନ୍ଦ୍ର ଭୋଇ, ଭୀଷ୍ମ ସିଂ ଛନ୍ଦ, ଗୋବର୍ଦ୍ଧନ ମହାପାତ୍ର ପ୍ରମୁଖ ଉକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ବରଗଡ଼ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ସେବା ପରିବାର ଓ ସୁନାଲରମ୍ଭା ସରପଞ୍ଚଙ୍କ ପ୍ରତିନିଧି ଶ୍ରୀ ସୁନାଙ୍କ କାର୍ଯ୍ୟକୁ ପ୍ରଶଂସା କରାଯାଇଛି।

## ମହିୟସୀ ମହିଳାଙ୍କ ପରଲୋକ

**ପଦ୍ମପୁର, ୧୬।୧ (ସମିସ):** ପଦ୍ମପୁର ନିକଟସ୍ଥ ମହୁଲପାଲି ନିବାସୀ ନିରଞ୍ଜନ ସାହୁଙ୍କ ଧର୍ମପତ୍ନୀ ଉମା ସାହୁଙ୍କ (୬୮) ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସ୍ଥାନୀୟ ଆମ୍ବତୋଟାରେ ତାଙ୍କ



ଜ୍ୟେଷ୍ଠପୁତ୍ର ହିରାଲାଲ ସାହୁ ମୁଖାଗ୍ନି ଦେଇଥିଲେ। କନିଷ୍ଠ ପୁତ୍ର ଚନ୍ଦ୍ରକିଶୋର ସାହୁ ଓ ପୁତୁରା ବାବୁଲାଲ ସାହୁ ପ୍ରମୁଖ ଶେଷକୃତ୍ୟରେ ସାମିଲ ଥିଲେ। ସେ ତାଙ୍କ ସ୍ୱାମୀ ନିରଞ୍ଜନ ସାହୁ, ପୁତ୍ରବଧୂ ରଞ୍ଜୁ ସାହୁ, ଗୀତା ସାହୁ ଝିଅ ଜ୍ୱାଇଁ ରୁମକିମୟୀ ସାହୁ, ଦୁର୍ବାଦଳ ସାହୁ, ମୀରା ସାହୁ, ଅଭିନାଶ ସାହୁ, ପୁତୁରା ବଧୂ ଜ୍ୟୋତ୍ସ୍ନା ସାହୁ, ନାତି ନାତୁଣୀଙ୍କୁ ଛାଡ଼ି ଯାଇଛନ୍ତି। ଶବାଧାରରେ ବିରଞ୍ଚି ସାହୁ, ଜୟଲାଲ ସାହୁ, ନୂଆଧର ସାହୁ, ଟିକେଲାଲ ସାହୁ, ନିରୋଜ ଦୋରା, ସୁନୀଲ ବେହେରା, ଗାଁର ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ।

## ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

**ଭେଡେନ, ୧୬।୧(ସମିସ):** ଭେଡେନ ବ୍ଲକ ଜାମଡୋଲ ଉଚ୍ଚ ବିଦ୍ୟାଳୟରେ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସତ୍ୟନାରାୟଣ ଗଡ଼ତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ବରଗଡ ଶିକ୍ଷାଧିକାରୀ କଛପ ମିତ୍ର, ମୁଖ୍ୟବକ୍ତା ଭାବରେ ବରଗଡ ନିସାମଣି ସ୍କୁଲର ଶିକ୍ଷକ ମନୋହର ସାହୁ, ସମ୍ମାନିତ ଅତିଥିଭାବରେ ଭେଡେନ ଶିକ୍ଷାଧିକାରୀ ମଛେନ୍ଦ୍ର ମଲ୍ଲିକ, ଶିକ୍ଷକ ଅମୃତଲାଲ ସେଟ, ପରିଚାଳନା କମିଟିର ସଭାପତି ରମେଶଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରତିଯୋଗିତା ହୋଇ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ କେଦାର ସାହୁ ପରିଚାଳନା କରିଥିବାବେଳେ ପ୍ରଧାନଶିକ୍ଷକ ସତ୍ୟନାରାୟଣ ଗଡ଼ତିଆ ଧନ୍ୟବାଦ ପ୍ରଦାନ କରିଥିଲେ। କ୍ରୀଡା ଶିକ୍ଷକ ରାଜକୁମାର ନାୟକ, ରୁଦ୍ରଦେବ ତ୍ରିପାଠୀ, ଅନିତା ସାହୁ, ବନ୍ଦିତା ଦିଆନ, ବିଜୟା ସାହୁ, ଏଲୋରାଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଭଟଲି ଆର୍ଟ୍ସ ଟେମ୍ପୁଲର ଛାତ୍ରଙ୍କ ସ୍ୱର୍ଣ୍ଣପଦକ ହାସଲ

**ଭଟଲି,୧୬।୧(ସମିସ):** ୩ଦିନ ଧରି ରାୟଗଡା ଜିଲ୍ଲାର ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଭାରତୀ ନୃସିଂହ ବାସ୍ତୁ ଓ ଯୋଗ ଏକାଡେମୀ ଏବଂ ଆର୍ଟ୍ସ ଟେମ୍ପୁଲ ରାୟଗଡାର ମିଳିତ ସହଯୋଗରେ ଜାତୀୟ ସ୍ତରୀୟ ବ୍ୟାୟାମ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶା ସମେତ ୧୨ଟି ରାଜ୍ୟର ମୋଟ ୨୬୯ ଜଣ ପ୍ରତିଯୋଗୀ ଏବଂ ପ୍ରାୟ ୧୦୦ ଜଣ ପରିଚାଳନା ଅଧିକାରୀ ଯୋଗଦେଇଥିଲେ। ଭଟଲି ଆର୍ଟ୍ସ ଟେମ୍ପୁଲ ତଥା ଭଟଲି ଉଚ୍ଚବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ମହେନ୍ଦ୍ର ମେହେର ବ୍ୟାୟାମରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଥିବାରୁ ଅଞ୍ଚଳରେ ଖୁସିର ଲହର ଖେଳିଯାଇଛି। ବିଡିଓ ଭିକ୍ଟର ସୋରେଙ୍ଗ, ବିଇଓ ସରୋଜ ଭୁଏ ଏବଂ ଅନୁଷ୍ଠାନର ପ୍ରଶିକ୍ଷକ ସରୋଜ ନାଏକ, ଉଚ୍ଚବିଦ୍ୟାଳୟର ଶିକ୍ଷକ-ଶିକ୍ଷୟତ୍ରୀ, ଛାତ୍ର ସମୂହ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



## ଭେଡେନରେ ଯୁଗ୍ମ ଜନଶୁଣାଣି ଶିବିର

**ଭେଡେନ, ୧୬।୧(ସମିସ):** ଭେଡେନ ବ୍ଲକ୍‌ରେ ବରଗଡ ଜିଲାପାଳଙ୍କ ଜଣଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ମନିଷା ବାନାର୍ଜୀ ୪୪ଟି ଅଭାବ ଅସୁବିଧାର ଶୁଣାଣି କରି ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ଉନ୍ନୟନ ନିର୍ବାହୀ ଅଧିକାରୀ ଆଦିତ୍ୟ ଗୋୟଲ, ଉପଜିଲ୍ଲାପାଳ କୁମାର ନାଗ ଭୂଷଣ, ବରଗଡ ଏସପି ପ୍ରହ୍ଲାଦ ଏସ ମିନାଙ୍କ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ବରଗଡ ଜିଲ୍ଲା ସାମଜିକ ସୁରକ୍ଷା ଅଧିକାରୀ ତ୍ରାହିର ହୁସେନ, ଭେଡେନ ବ୍ଲକ ଅଧକ୍ଷା ସୁପ୍ରଭା ମହଲିଙ୍ଗ, ଉପାଧକ୍ଷ ଡୋଲାମଣି ଖେତି, ଭେଡେନ ବିଡିଓ ତ୍ରିପୁର ମହାନନ୍ଦ, ଭେଡେନ ତହସିଲଦାର ନେପାଳ ମୁଣ୍ଡା, ଏବିଡିଓ ପ୍ରିତେଶ ଦୋରା, ବିଏସଏସଓ ଚକ୍ରପାଣି ଦାଶ, ଭେଡେନ ଥାନାଧିକାରୀ ପ୍ରେମଜିତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## 'ନୂଆ-ଓ' କାର୍ଯ୍ୟକ୍ରମ



**ବରଗଡ଼/ବରପାଲି, ୧୬।୧ (ସମିସ):** ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ଭାଷା ସାହିତ୍ୟ ଭିତ୍ତିକ 'ନୂଆ-ଓ' କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଅଧକ୍ଷ ଦଧିବାମନ ଦାଶ ଉଦଘାଟନ କରିଥିଲେ। ଅଧ୍ୟାପିକା ରଞ୍ଜିତା ନାଏକ, ପୁଷ୍ପାଞ୍ଜଳି ପ୍ରଧାନ ଓ ଧର୍ମରାଜ ତ୍ରିପାଠୀ ମଞ୍ଚାସୀନ ଥିଲେ। ସଂଘମିତ୍ରା ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ରୀନା କୁମାରୀ ମେହେର ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।

ବରପାଲି ବ୍ଲକ ସତଲମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ- ଓ' ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରସାର ପାଇଁ ସାହିତ୍ୟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ଲିଙ୍ଗରାଜ ବେହେରାଙ୍କ ସଭାପତିତ୍ୱରେ ପରିଚାଳିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଅଧକ୍ଷ ପୁରନ୍ଦର ନନ୍ଦ ଯୋଗ ଦେଇଥିଲେ। ଅଧ୍ୟାପକ ଲୋକବନ୍ଧୁ ପଧାନଙ୍କ ତତ୍ତ୍ୱାବଧାନରେ ପରିଚାଳିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଲଳିତ ମେହେର, ଅଧ୍ୟାପିକା ସମ୍ପଦ ସିହନା, ଚେତନା ପଧାନ, ଦେବାଶିଷ ଦାଶ, ପଞ୍ଚାନନ ବେହେରା, ସୁଶାନ୍ତ ତ୍ରିପାଠୀ, ଶ୍ୟାମସୁନ୍ଦର ଭୂଏ, ବାବୁଲୁ ତ୍ରିପାଠୀ, ଅଶୋକ ସାହୁ, ମୀନକେତନ ରଣା ଓ କୂଳରଞ୍ଜନ ସାହୁ ବକ୍ତବ୍ୟ ରଖିଥିଲେ।




## ଏଥେନା ବୁକ୍ସ ତରଫରୁ ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ସଭା

**ବରଗଡ଼, ୧୬।୧(ସମିସ):** ଗଣପତି ହୋଟେଲ ବରଗଡ଼ଠାରେ ଏଥେନା ବୁକ୍ସ ତରଫରୁ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାରସ୍ୱତ ସାଧକ ଡ଼ ରଘୁନାଥ ମେହେର ଉଦଘାଟନ କରିଥିଲେ। ଗାଳ୍ପିକ ଡ଼ ଅଶୋକ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୁସାହିତ୍ୟକ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ଡ଼ ନୃପରାଜ ସାହୁ ଯୋଗ ଦେଇଥିଲେ। ବିଶିଷ୍ଟ ଲେଖିକା ଡ଼ ବିଦ୍ୟୁତପ୍ରଭା ରଥ ସଭାପତିତ୍ୱ କରିଥିବାବେଳେ ଏଥେନା ବୁକ୍ସର ପ୍ରକାଶକ ତଥା ବିଶିଷ୍ଟ ଗାଳ୍ପିକ ରାଜ କିଶୋର ଦାସ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏ ଅବସରରେ ରୋହିତ ଦାଶଙ୍କ କବିତା ପୁସ୍ତକ 'ଶବ୍ଦର ଖେଳ' ଓ ଡ଼ ସଂଯୁକ୍ତା ପାଢ଼ୀଙ୍କ ସମାଲୋଚନା ପୁସ୍ତକ 'ସୀମାନ୍ତର ଦୀପଶିଖା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସାହିତ୍ୟ କୃତି ପାଇଁ ଏଥେନା ବୁକ୍ସ ଦ୍ୱାରା ବିଭିନ୍ନ ଜିଲ୍ଲାରୁ ଆସିଥିବା ୧୧ ଜଣ ସାରସ୍ୱତ ପ୍ରତିଭା ଡ. ସଂଯୁକ୍ତା ପାଢ଼ୀ, ଡ. ନୀଳିମା ମେହେର, କବି ରୋହିତ ଦାଶ, ଡ. ପ୍ରହଲ୍ଲାଦ ଖୁଲ, ଡ. ଶାନ୍ତିଲତା ବାରିକ, ଡ. ରୀନାକୁମାରୀ ମେହେର, କମଳିନୀ ଦେବି, ଡ଼ ଅଶୋକ ମହାପାତ୍ର, ଡ. ରଘୁନାଥ ମେହେର, କଳ୍ପନା ଝାଙ୍କର, ଡ. ବୀଣାପାଣି ସାହୁ ଆଦିଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।



କବିତା ଦେବତା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ବିଶ୍ୱ ଦେଖ ମଧୁମୟ ରେ ଜୀବନ ଗୀତ ପରିବେଷଣ କରିଥିଲେ। ଦିବ୍ୟ ଦେବତା, ମୋହନ ସାହୁ, ଧନପତି ମହାପାତ୍ର, ଲିଙ୍ଗରାଜ ପଧାନ, ରାଧାମୋହନ ତ୍ରିପାଠୀ, ଦାମୋଦର ସାହୁ, ପ୍ରଦେଶୀ ବାରିକ, ସଙ୍ଗୀତା ଷଡ଼ଙ୍ଗୀ, ପୁଷ୍ପାଞ୍ଜଳି ପଣ୍ଡା, ଭାଗବତୀ କର, ଶେଷନ ବିଶି ଆଦି ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ତଥା କବି ଓ ସାହିତ୍ୟକ ଯୋଗ ଦେଇଥିଲେ। ପ୍ରକାଶକ ଓ ଗାଳ୍ପିକ ରାଜ କିଶୋର ଦାସ ଧନ୍ୟବାଦ ଦେଇଥିଲେ।

# ବୟନଶିଳ୍ପ ମନ୍ତ୍ରୀଙ୍କ ଦ୍ୱାରା ଜାତୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ

**ବରଗଡ଼, ୧୬।୧ (ସମିସ)**

ବରଗଡ଼ ମିନି ଷ୍ଟାଡିୟମରେ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ତଥା ବିଜେପୁର ବିଧାୟିକା ରିତା ସାହୁଙ୍କ ଦ୍ୱାରା ଆସନ୍ତା ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜାତୀୟ ହସ୍ତତନ୍ତ ମେଳା ବୟନିକା ଉଦଘାଟିତ ହୋଇଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲ୍ଲାପାଳ ମନିଷା ବାନାର୍ଜୀ, ବୟନିକା ସଭାପତି ପ୍ରକାଶ ମେହେର, ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ବିତ ଆଚାର୍ଯ୍ୟ, ଜିଲ୍ଲା ବିଜେଡି ସଭାପତି ପ୍ରଭାସ ସିଂ, ବୋର୍ଡ ଡାଇରେକ୍ଟର ଶେଷ କୁମାର ମେହେର, ନିତ୍ୟାନନ୍ଦ ମେହେର, ନବୀନ ମହାନନ୍ଦୀ, ସଞ୍ଜୟ ମେହେର, କୋଶଳେଶ୍ୱର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ହରିୟାଣା, ଆସାମ, ଉତ୍ତର ପ୍ରଦେଶ, ଗୁଜୁରାଟ, ପଣ୍ଡିଚେରୀ, ପଞ୍ଜାବ ଆଦି ରାଜ୍ୟରୁ କୁଶଳୀ ବୁଣାକାର ଭାଇଙ୍କ ନିର୍ମିତ ହୋଇଥିବା ସାମଗ୍ରୀ ପ୍ରଦର୍ଶିତ ହୋଇଛି। ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରୁ ବୁଣାକାର ଭାଇମାନେ ପ୍ରଦର୍ଶନ କରିବା ସହ ବିକ୍ରି ମଧ୍ୟ କରୁଛନ୍ତି। ଧନୁଯାତ୍ରା ସମୟରେ ଏହି ମେଳା ଅନୁଷ୍ଠିତ ହେଉଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଲୋକଙ୍କ ଆଗ୍ରହ ପ୍ରକାଶ ପାଇଛି।



## ଝାଞ୍ଜି ପାହାଡ଼ କୁଠିଖୋଲରେ ମକର ମେଳା

**ପଦ୍ମପୁର, ୧୬।୧ (ସମିସ):** ବରିହାପାଲି ନିକଟସ୍ଥ ଝାଞ୍ଜି ପାହାଡ଼ କୁଠି ଖୋଲ ଗୁମ୍ଫାରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମରେ ମକର ମେଳା ପର୍ବ ପାଳିତ ହୋଇଛି। ଏହି ପବିତ୍ର ପୀଠର ଦେବଦର୍ଶନ, ସୁମଧୁର ଝରଣା ଭକ୍ତଙ୍କୁ ମନ୍ତ୍ରମୁଗଧ କରିଥିଲା। ନିକଟସ୍ଥ ଗଞ୍ଜାଗୁଡା, ପତ୍ରାପାଲି, ବରିହାପାଲି, ଆମ୍ବମୁଡା, ଖୁଜେନ, ବଞ୍ଛାପାଲି, ଚକାଖଲିଆ ଗ୍ରାମବାସୀଙ୍କ ଦ୍ୱାରା ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ସୁଦାମ ପ୍ରଧାନ, ଦେବାର ବରିହା, ନବୀନ ମିର୍ଦ୍ଧା, ଦୁର୍ଯ୍ୟୋଧନ ସାହୁ, ଦେବେନ ସାହୁ, ସରୋଜ ପ୍ରଧାନ ଓ ଗ୍ରାମବାସୀ ସହଯୋଗ କରିଥିଲେ।



# ସମଲେଇ ପ୍ରକଳ୍ପ ଲୋକାର୍ପଣ ଉତ୍ସବର ନିମନ୍ତ୍ରଣପତ୍ର

**ଝାରସୁଗୁଡ଼ା, ୧୬।୧ (ସମିସ)**

ଜାନୁଆରୀ ୨୭ ତାରିଖରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପ୍ରକଳ୍ପର ପ୍ରତିଷ୍ଠା ଉତ୍ସବ ଏବଂ ଲୋକାର୍ପଣ ଉତ୍ସବର ନିମନ୍ତ୍ରଣପତ୍ର ଝାରସୁଗୁଡା ଜିଲ୍ଲାର ବିଭିନ୍ନ ମନ୍ଦିର, ମା'ଙ୍କ ପୀଠଗୁଡ଼ିକୁ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟି ଓ ପୂଜକଙ୍କ ପକ୍ଷରୁ ପ୍ରଦାନ କରାଯିବା ସହ ଝାରସୁଗୁଡାବାସୀଙ୍କୁ ସମଲେଇ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବରେ ଯୋଗଦେବା ପାଇଁ ଆମନ୍ତ୍ରଣ କରାଯାଇଛି। ସମ୍ବଲପୁର ମାଆ ସମଲେଇ ମନ୍ଦିରରୁ ଆସିଥିବା ଟ୍ରଷ୍ଟି ପ୍ରଫୁଲ୍ଲ ହୋତା, ପୂଜକ ପବିତ୍ର କୁମାର ଦେଓ ଓ ସୁଧୀର ରାୟ ଏବଂ ନୋଡ଼ାଲ ଅଫିସର ସଜତ ମାର୍କେଙ୍କୁ ସ୍ଥାନୀୟ ସଂସ୍କୃତି ଭବନଠାରେ ଝାରସୁଗୁଡା ଜିଲ୍ଲା ପ୍ରଶାସନ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି। ଜିଲ୍ଲା ପ୍ରଶାସନ ଏବଂ ଝାରସୁଗୁଡାବାସୀ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦେଇ ସ୍ୱାଗତ କରିଥିବା ବେଳେ ଏକ ସଭାର ଆୟୋଜନ କରାଯାଇ ସମଲେଇ ପରିକ୍ରମା ପ୍ରକଳ୍ପ ଭବ୍ୟ ପ୍ରତିଷ୍ଠା ପୂଜା ପାଇଁ ନିମନ୍ତ୍ରଣ ଉତ୍ସବ ବିଷୟରେ ସୂଚନା ପ୍ରଦାନ ସହ ନିମନ୍ତ୍ରଣ କରାଯାଇଛି। ସମଲେଇଙ୍କ ପକ୍ଷରୁ ଆସିଥିବା ନିମନ୍ତ୍ରଣପତ୍ରକୁ ଗ୍ରହଣ କରିବା ସୌଭାଗ୍ୟର ବିଷୟ ବୋଲି ଝାରସୁଗୁଡାବାସୀ କହିବାସହ ଏହି ଉତ୍ସବରେ ନିଶ୍ଚିତ ଯୋଗଦେବେ ବୋଲି ପ୍ରକାଶ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜୟ ଜେନା ସଂଯୋଜନା କରିଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ଅନୀଲ କେର୍କେଟା ଧନ୍ୟବାଦ ଅର୍ପଣ କରିଥିଲେ।



# ଦେଶୀ ମଦ କାରବାରରେ ଜଣେ ଗିରଫ

**କୋଲାବିରା, ୧୬।୧(ସମିସ):** ଚାରିଆଡେ ଚାଲିଛି ବେଆଇନ ଭାବରେ ଦେଶି ରନ୍ଧାମଦର କାରବାର। ଅବକାରୀ ବିଭାଗ ଆଉ ପୁଲିସ ପକ୍ଷରୁ ତନାଘନା କରାଯାଉଥିଲେ ସୁଦ୍ଧା ଏହି ବେପାରୀଙ୍କ ମନରେ ନାହିଁ ଭୟ। ଚାରିଦିନ ପୂର୍ବରୁ କୋଲାବିରା ଥାନା ଅନ୍ତର୍ଗତ ସାହାଜବାହାଲ ଗ୍ରାମର ଅମୂଲ୍ୟ ପାଣ୍ଡେଙ୍କୁ ଚେତାବନୀ ଦେଇ ପୁଲିସ ଛାଡି ଦେଇଥିଲା। ମାତ୍ର ପୁଣି ସେଇକାର୍ଯ୍ୟରେ ଲିପ୍ତଥିବା ଖବର ପାଇ କୋଲାବିରା ପୁଲିସ ପକ୍ଷରୁ ବିପୁଳ ଦେଶୀ ରନ୍ଧା ମଦ ଓ ମହୁଲ ପୋଚ ଜବତ କରିଛି। କୋଲାବିରା ଥାନାଧିକାରୀ ପ୍ରକାଶ କର୍ଣ୍ଣଙ୍କ ନିର୍ଦ୍ଦେଶରେ ଏଏସଆଇ ସୁଶୀଲ ଦାସ ଅନ୍ୟ ପୁଲିସ କର୍ମୀଙ୍କୁ ନେଇ ୫୦ ଲିଟର ଦେଶୀ ମଦ ସହ ମଦ ପ୍ରସ୍ତୁତିରେ ବ୍ୟବହାର ସାମଗ୍ରୀ ଜବତ କରିଛନ୍ତି। ଅଭିଯୁକ୍ତ ଅମୂଲ୍ୟ ପାଣ୍ଡେ (୪୫) କୁ ଗିରଫ କରାଯାଇଛି। ମହୁଲପାଶକୁ ମଧ ଜବତ କରାଯାଇ ନଷ୍ଟ କରାଯାଇଥିଲା। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ନ୍ୟାୟିକ ହାଜତରେ ରଖାଯାଇଥିବା ଜଣାପଡ଼ିଛି।



୫୦ ଲିଟର ମଦ ଜବତ

# ୨୧ ମାସର ବିକାଶ କାର୍ଯ୍ୟର ବିବରଣୀ ଦେଲେ ପୌରାଧକ୍ଷା

**ଝାରସୁଗୁଡ଼ା, ୧୬।୧ (ସମିସ):** ଝାରସୁଗୁଡ଼ା ପୌର ପରିଷଦ ପକ୍ଷରୁ ଏକ ବୈଠକରେ ପୌର ପରିଷଦ ଅଧକ୍ଷା ରାନୀ ହାତୀ ଗତ ୭/୪/୨୦୨୨ରୁ ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ଯାଏ ହୋଇଥିବା ସମସ୍ତ ବିକାଶମୂଳକ କାର୍ଯ୍ୟର ବିବରଣୀ ଗଣମାଧ୍ୟମକୁ ପ୍ରଦାନ କରିଛନ୍ତି। ବିକାଶମୂଳକ କାର୍ଯ୍ୟ ହେଉଥିବା ସତ୍ତ୍ୱେ ବିଜେପି ନେତାମାନେ ହତାଶ ହୋଇ ମନଗଢା ଅଭିଯୋଗ କରିଛନ୍ତି ଶ୍ରୀମତୀ ହାତୀ ଅସନ୍ତୋଷ ପ୍ରକାଶ କରିଥିଲେ। ବିକାଶମୂଳକ କାର୍ଯ୍ୟ ମଧ୍ୟରେ ଗୋଟିଏ ସ୍ମାର୍ଟ ପାର୍କ, ୧୩ଟି ମିନି ପାର୍କ, ୧୮ ଟି ସ୍ଥାନରେ ଓପନ ଜିମ, ୯୦୨ ଟି ଭୂମି ପ୍ରଦାନ ପତ୍ର, ୭୫୪ ଗୋଟି ଓଏପି ପ୍ରଦାନ, ୨୨୦ ଏସ ଏଚ ଜି ଗ୍ରୁପକୁ ବ୍ୟାଙ୍କ ଲୋନ ସହାୟତା, ୪୭୩ ଜଣ ଷ୍ଟ୍ରିଟ ଭେଣ୍ଡରଙ୍କୁ ଲୋନ ପ୍ରଦାନ, ୯୯ ଜଣ ଉଠା ଦୋକାନୀଙ୍କୁ ଦୋକାନ ଗୃହ ପ୍ରଦାନ, ୬୪ ଜଣ ବିସ୍ଥାପିତ ହିତାଧିକାରୀଙ୍କୁ ପିଏମଏ ୱାୟୀ ଗୃହ ପ୍ରଦାନ କରାଯାଇଛି। ସେହିପରି ସହରର ବିକାଶ ପାଇଁ ୩୪୫ ଖୁଣ୍ଟ ଏବଂ ୪୩୮ଟି ଲାଇଟ୍ ଆଲୋକିକରଣ ପାଇଁ ସଂଯୋଗ କରାଯିବାର ବ୍ୟବସ୍ଥା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ୨୦ଟି ପୋଖରୀର ପୁନରୁଦ୍ଧାର ପାଇଁ ଆବେଦନ ହୋଇଛି। ୧୪ଟି ପୋଖରୀକୁ ସ୍ୱୀକୃତି ପ୍ରଦାନ କରାଯାଇଛି ଯାହାର ଧାର୍ଯ୍ୟ ପରିମାଣ ୧୩ କୋଟି ରହିଥିବାବେଳେ ଚଳିତ ମାସ ଶେଷ ସୁଦ୍ଧା କାର୍ଯ୍ୟ ସମ୍ପନ୍ନ କରିବାର ଲକ୍ଷ୍ୟ ରଖାଯାଇଛି।



ଏକ ବର୍ଷ ନଅ ମାସ ପୌର ପରିଷଦ କାର୍ଯ୍ୟକାଳରେ ପ୍ରାୟ ୪୨.୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ୧୦ କୋଟି ଟଙ୍କାର ବିଭିନ୍ନ କାର୍ଯ୍ୟ ଆରମ୍ଭ ସହ ପ୍ରାୟ ୨୫ କୋଟି ବ୍ୟୟ ଅଟକଳରେ ଅନେକ ପ୍ରକାର ପାଇପ ଲାଇନ୍ ତଥା ଅନ୍ୟାନ୍ୟ ଯୋଜନା ଅବ୍ୟାହତ ରହିଛି। ଏହା ବ୍ୟତୀତ ୨୦୫ଟି ଏସଏଚଜି ସଂଗଠନକୁ ଆର୍ଥିକ କ୍ଷେତ୍ରରେ ସୁଦୃଢ କରିବା ପାଇଁ ପାଖାପାଖି ୯.୫୦ କୋଟି ଟଙ୍କାର ସହଯୋଗ କରାଯାଇଛି। ଶ୍ରୀମୀତ ହାତୀ କହିଛନ୍ତି, ସେ କାହାରି ରିମୋଟ କଣ୍ଟ୍ରୋଲ ନୁହନ୍ତି। ବିଜେପି ନେତାଙ୍କ ଅଭିଯୋଗ ଭିତ୍ତିହୀନ। ସ୍ୱର୍ଗୀୟ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ସ୍ୱପ୍ନକୁ ସାକାର କରିବା ସଙ୍ଗେ ସଙ୍ଗେ ବିଧାୟିକାଙ୍କ ଜନସାଧାରଣଙ୍କୁ କରିଥିବା ପ୍ରତିଶ୍ରୁତି ଓ ଝାରସୁଗୁଡ଼ା ଜିଲ୍ଲାର ନୂତନ ନିର୍ମାଣ ଦିଗରେ କାର୍ଯ୍ୟ କରିବୁ ବୋଲି କହିଛନ୍ତି।

# ହାତୀ ଉପଦ୍ରବ; ଘର ଭାଙ୍ଗିଲା, ଆଖୁକିଆରି ନଷ୍ଟ

**କୋଲାବିରା, ୧୬।୧(ସମିସ):** ରାତିରେ ପୁଣି ସେଇ ଏକୁଟିଆ ଦନ୍ତାହାତୀଟି ରଘୁନାଥପାଲି ତଥା ଏହାର ଉପାନ୍ତ ଅଞ୍ଚଳରେ ଉପଦ୍ରବ କରି କ୍ଷୟକ୍ଷତି କରିଛି। ଅନ୍ତର୍ଗତ ଶିରିଆପାଲିର ରଘୁନାଥପାଲି ଫରେଷ୍ଟ ବିଟ୍ ଅଧିନ ପାଇକପାଡା ଗ୍ରାମରେ ଦନ୍ତାଟି ପଶି କିଆରି ନଷ୍ଟ କରିବା ସହିତ ଗ୍ରାମର ବିଶେଶ୍ୱର



କଉଡିଙ୍କ ଘରକାନ୍ଥ ଭାଙ୍ଗି ଧାନ ଖାଇବାକୁ ଉଦ୍ୟମ କରିଥିଲା। ହାତୀଟି ଭୋର ସମୟରେ ରେଙ୍ଗାଲି ରେଞ୍ଜ ଅଞ୍ଚଳକୁ ଚାଲିଯାଇଥିବା ସୂଚନା ମିଳିଛି। ବନପାଳ ରାଜକିଶୋର ଦାସ ଏବଂ ବନପାଳ ସାରଥି କାଲୋ କ୍ଷୟକ୍ଷତିର ଆକଳନ କରି ହାତୀଟି ସଂଧ୍ୟାଠୁ ବାଗଡ଼ିଗି ପଟୁ ଆସି ପାଇକପଡ଼ା ଗ୍ରାମ ଭିତରକୁ ପଶି ଆଖୁ କିଆରିକୁ ପଶିଥିବା ଦେଖି ଗ୍ରାମବାସୀ ବନବିଭାଗକୁ ସୁଚନା ଦେଇଥିଲେ। ମାତ୍ର ବନ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ପହଞ୍ଚି ମଧ ହାତୀକୁ ଘଉଡେଇବା ଭିତରେ ଜଣଙ୍କର ଘରଭାଙ୍ଗି ଚାଲିଯାଇଥିଲା। କୋଲାବିରା ରେଞ୍ଜ ରିପୋର୍ଟ ଦେଇଛନ୍ତି। ଏହି ଏକୁଟିଆ ଦନ୍ତାହାତୀର ଉପଦ୍ରରେ କୋଲାବିରା ଏବଂ କିର୍ମିରା ଅଞ୍ଚଳର ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ସାରା ରାତି ବିଭାଗୀୟ କର୍ମଚାରୀ ଉଜାଗର ରହୁଛନ୍ତି। ହାତୀଟି କେତେବେଳେ ଯେ ଦୃଶ୍ୟମାନ ହେଉଛି ଜାଣିବା କଷ୍ଟକର ହୋଇପଡୁଛି।

# ନିର୍ଭୁଲ ମତଦାନ ସଚେତନତା ରଥର ଶୁଭାରମ୍ଭ

**ଝାରସୁଗୁଡ଼ା, ୧୬।୧ (ସମିସ):** ନିର୍ଭୁଲ ମତଦାନ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ୬ଟି ସଚେତନତା ରଥ ଆସନ୍ତା ଫେବୃଆରୀ ମାସ ଶେଷ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳର ସମସ୍ତ ବୁଥକୁ ଯିବ। ଏହି ମୋବାଇଲ ଭ୍ୟାନ୍ ଗୁଡିକ ପୁଲିସ ସୁରକ୍ଷା ମଧ୍ୟରେ ସମସ୍ତ ମତଦାନ କେନ୍ଦ୍ରକୁ ଯିବା ସହ ମତଦାତାମାନଙ୍କୁ ଇଭିଏମ୍ ରେ କିପରି ମତଦାନ କରାଯାଏ ସେ ସମ୍ପର୍କରେ ଅଧିକାରୀମାନେ ବୁଝାଇବେ। ଏହି ସଚେତନତା ରଥକୁ ଜିଲ୍ଲାପାଳ ଆବୋଲୀ ସୁନିଲ ନରୱଣେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଉପଜିଲ୍ଲାପାଳ କିଶୋରଚନ୍ଦ୍ର ସ୍ୱାଇଁଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।




# ବ୍ୟାସକବି ଜୟନ୍ତୀ ଓ ମକର ସଂକ୍ରାନ୍ତି ପାଳନ



**ଝାରସୁଗୁଡ଼ା, ୧୬।୧(ସମିସ):** ଝାରସୁଗୁଡା ମହିଳା ମହାବିଦ୍ୟାଳୟରେ ମକର ସଂକ୍ରାନ୍ତି ଓ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଅଧକ୍ଷ ଡ. ସରୋଜ କୁଅଁରଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏହି ସଭାରେ ବହୁ ସଂଖ୍ୟାରେ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ମକର ସଂକ୍ରାନ୍ତି ଉପଲକ୍ଷେ ଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ଅଧକ୍ଷ ସେମାନଙ୍କ ସହ ଗୁଡ଼ି ଉଡ଼ାଇବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

# ଦିନିକିଆ ଫୁଟବଲ ପ୍ରତିଯୋଗିତା: ସୁନ୍ଦରଗଡ଼ ଚାମ୍ପିଅନ

**ଝାରସୁଗୁଡ଼ା, ୧୬।୧(ସମିସ):** ବେହେରାପାଟ ଫୁଟବଲ ପଡ଼ିଆ ଠାରେ ମା' ସମଲେଶ୍ୱରୀ ଯୁଥ କ୍ଲବ ଆନୁକୂଲ୍ୟରେ ୧୫ତମ ଦିନିକିଆ ଫୁଟବଲ ପ୍ରତିଯୋଗିତା ୮ଟି ଦଳକୁ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଫ୍ରେନ୍‌ଡସ କ୍ଲବ ସୁନ୍ଦରଗଡ଼ ୧-୦ ଗୋଲରେ ଝାଡେଶ୍ୱରୀ କ୍ଲବ ଚିତୁଆପଡ଼ା ଝାରସୁଗୁଡାକୁ ହରାଇ ଚାମ୍ପିଅନ ହୋଇଛି। ପୂର୍ବତନ ବିଧାୟକ ନବ କିଶୋର ଦାସଙ୍କ ପତ୍ନୀ ମିନତୀ ଦାସ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ସୁନ୍ଦରଗଡ଼ ଦଳକୁ ଟ୍ରଫି ସହ ୨୧ ହଜାର ଟଙ୍କା ଓ ରନର୍ସ ଅପକୁ ଟ୍ରଫି ସହ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଦୋଳଗୋବିନ୍ଦ ପ୍ରଧାନ, ସନ୍ତୋଷ ଦାସ, ଜଗ୍ନନାଥ ବେହୁରା, ସରୋଜ ମୁଣ୍ଡା, ଜତିନ ଘୁସି, ଲାଲବାହାଦୁର ମୁଣ୍ଡା, ରୋହିତ ଘୁସି, ମନୀଶ ଡିଲା, ପ୍ରକାଶ ଡିଲା ଓ ଭଗବାନ ଡିଲା ସହଯୋଗ କରିଥିଲେ।



## ଓମ୍ବାଡସି ସହାୟତାରେ ଜୀବିକା କାର୍ଯ୍ୟକ୍ରମ

# ପ୍ରାଣୀ ପାଳନ ଓ ମାଛଚାଷ ଲାଗି ପ୍ରୋତ୍ସାହନ

**ଝାରସୁଗୁଡ଼ା, ୧୬।୧ (ସମିସ):** ଲୋକମାନଙ୍କ ଜୀବନ ଧାରଣ ମାନରେ ବିଶେଷ ଉନ୍ନତି ଆଣିବା ଲାଗି ଦୀର୍ଘସ୍ଥାୟୀ ଜୀବିକାର ଆବଶ୍ୟକତା ରହିଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଛଚାଷ ଓ ପ୍ରାଣୀ ପାଳନ ଭଳି ଜୀବିକା କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦିଆଯାଉଛି। ଖଣି ପ୍ରଭାବିତ ଝାରସୁଗୁଡ଼ା ଜିଲ୍ଲାରେ ଓମ୍ବାଡସି ପାଣ୍ଠିର ଆର୍ଥିକ ସହାୟତାରେ ଚାଲିଥିବା ଏହି କାର୍ଯ୍ୟକ୍ରମ ଯୋଗୁଁ ଆଦିବାସୀ ବର୍ଗର ହିତାଧିକାରୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଲାଭବାନ ହେଉଛନ୍ତି। ନୂତନ ପୋଖରୀ ଖନନ ସହିତ ଆଧୁନିକ ବାୟୋଫ୍ଲକ୍ ପଦ୍ଧତି ଓ ପଞ୍ଚାୟତ ପୋଖରୀରେ ମାଛ ଚାଷ ଲାଗି ଓମ୍ବାଡସି ସହାୟତା ଯୋଗାଇ ଦେଉଛି। ବାୟୋଫ୍ଲକ୍ ଟେକ୍ନୋଲୋଜିରେ ମାଛ ଚାଷ ଅଧିକ ରୋଜଗାରର ବାଟ ଫିଟାଇଛି। ଏହି ପଦ୍ଧତିକୁ ଆପଣାଇ ଝାରସୁଗୁଡ଼ା ଜିଲ୍ଲାର ୩୪ ଜଣ ହିତାଧିକାରୀ ୬୮ ଟି ଟାଙ୍କିରେ ମାଛ ଚାଷ କରିଛନ୍ତି। ସେହିପରି ଓମ୍ବାଡସି ସହାୟତାରେ ମାଛଚାଷ ପାଇଁ ନୂତନ ପୋଖରୀ ଖୋଳାକୁ ପ୍ରୋତ୍ସାହନ ଦିଆଯାଉଛି। ୨୭ ଜଣ ହିତାଧିକାରୀ ୨୨.୧୫ ଏକର ଜମିରେ ପୋଖରୀ ଖୋଳି ଲାଭବାନ ହେଉଛନ୍ତି।



ଗ୍ରାଜୁଏସନ ଶେଷ କରିବା ପରେ ଗାଁରେ ରହି ମୁଁ ବାୟୋଫ୍ଲକ୍ ପଦ୍ଧତିରେ ମାଛଚାଷ କରୁଛି। ଏଥିରୁ ମାସକୁ ୧୦ରୁ ୧୫ ହଜାର ଟଙ୍କା ରୋଜଗାର ହେଉଛି। ଏଥିରେ ମୁଁ ମୋ ଘର ଚଳାଉଛି। ଆଗକୁ ଏହି ମାଛଚାଷକୁ ବ୍ୟାପକ କରିବାକୁ ମୁଁ ଲକ୍ଷ୍ୟ ରଖିଛି", କହନ୍ତି ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ୍ ରଙ୍ଗିଆଟିକ୍ରା ଗାଁର ପ୍ରକାଶ ରୋହିଦାସ। ଏଥିପାଇଁ ସେ ଓମ୍ବାଡସିକୁ ଧନ୍ୟବାଦ ଦେଇଛନ୍ତି।

ମାଛଚାଷ ଭଳି ଅଣପାରମ୍ପରିକ କ୍ଷେତ୍ର ସହ ଯୋଡ଼ି ହୋଇଛନ୍ତି ଏସଏଚଜି ମହିଳା। ଆଗରୁ ଆମେ ପାରମ୍ପରିକ କାମ କରୁଥିଲୁ। ଏବେ ପୋଖରୀରେ ମାଛଚାଷ କରୁଛୁ। ଓମ୍ବାଡସି ପାଣ୍ଠି ସହାୟତାରେ ଆମେ ଯେଉଁ ସହାୟତା ପାଇଥିଲୁ ସେଥିରେ ପୋଖରୀ ସଫା କରିବା ସହ ମାଛ ଯାଆଁଳ କିଣିଥିଲୁ। ତା'ଛଡ଼ା ଚୂନ ଓ ମାଛ ଦାନା ମଧ କିଣିଥିଲୁ। ମାଛଚାଷରୁ ଯାହା ଲାଭ ହେଉଛି ସେଥିରେ ଆମେ ଖୁସିରେ ଅଛୁ, କହନ୍ତି ଝାରସୁଗୁଡ଼ା ବ୍ଲକ୍ କୁକୁଜଙ୍ଘା ଗ୍ରାମର ଏସଏଚଜି ସଦସ୍ୟା ବାସନ୍ତୀ କାଲୋ।

ଓମ୍ବାଡସିର ଜୀବିକା କାର୍ଯ୍ୟକ୍ରମ ଭିତରେ ଛେଳି ଓ ବ୍ରଏଲର କୁକୁଡ଼ା ପାଳନ ହେଉଛି ଏକ ପ୍ରମୁଖ କାର୍ଯ୍ୟକ୍ରମ। ଏହା ଅଧୀନରେ ଝାରସୁଗୁଡ଼ା ଜିଲ୍ଲାର ସମସ୍ତ ୫ଟି ବ୍ଲକରେ ଏହି କାର୍ଯ୍ୟକ୍ରମ ଚାଲିଛି। ଛେଳି କିଣିବାଠୁ ଆରମ୍ଭ କରି ସେମାନଙ୍କ ରହିବା ଲାଗି ଫାର୍ମ ନିର୍ମାଣ ପର୍ଯ୍ୟନ୍ତ ଓମ୍ବାଡସି ସହାୟତା ଦେଉଛି। ସେହିପରି ୨୦୦ କ୍ଷମତା ବିଶିଷ୍ଟ ବ୍ରଏଲର କୁକୁଡ଼ା ଫାର୍ମ ମଧ ନିର୍ମାଣ କରାଯାଉଛି।

ଆଗରୁ ମୁଁ କେବଳ ଧାନଚାଷ କରୁଥିଲି। ବର୍ଷକୁ ଯାହା ରୋଜଗାର ହେଉଥିଲା ସେଥିରେ ଚଳିବା କଷ୍ଟକର ହୋଇଯାଉଥିଲା। ଏବେ ମୁଁ ଧାନଚାଷ ସହିତ ଓମ୍ବାଡସିରୁ ସହାୟତା ପାଇ ଛେଳି ପାଳନ କରୁଛି। ଫଳରେ ଆଗ ଅପେକ୍ଷା ମୁଁ ଭଲ ଦି'ପଇସା ପାଉଛି", କହନ୍ତି ଲଇକେରା ବ୍ଲକ୍ ପାକେଲାପଡ଼ା ଗ୍ରାମର ପରମେଶ୍ୱର କିସାନ୍।

ନିୟମିତ ବ୍ୟବଧାନରେ ଜିଲ୍ଲା ପ୍ରାଣୀ ପାଳନ ବିଭାଗ ପକ୍ଷରୁ କୁକୁଡ଼ା ଓ ଛେଳିମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ଓ ଟିକା ପ୍ରଦାନ କରାଯାଉଛି। ଛେଳି ଓ କୁକୁଡ଼ାମାନଙ୍କୁ ସଫା ସୁତରା ପରିବେଶ ଭିତରେ ରଖିବା ଲାଗି ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଓମ୍ବାଡସି ସହାୟତାରେ ଖଣିପ୍ରଭାବିତ ଝାରସୁଗୁଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଦେବଗଡ଼ ଜିଲ୍ଲା ଏବଂ ଢେଙ୍କାନାଳ ଜିଲ୍ଲାର କଙ୍କଡ଼ାହାଡ଼ ବ୍ଲକରେ ମାଛ ଚାଷ ଏବଂ ଛେଳି ଓ କୁକୁଡ଼ା ପାଳନକୁ ଗୁରୁତ୍ୱ ଦିଆଯାଉଛି।

# ସମଲେଇ ପ୍ରକଳ୍ପର ଶୁଭ ଲୋକାର୍ପଣ ଉତ୍ସବ ନିମନ୍ତେ ନିମନ୍ତ୍ରଣ



**ଦେବଗଡ଼, ୧୬।୧(ସମିସ):** ଜାନୁଆରୀ ୨୭ ତାରିଖରେ ସମ୍ବଲପୁରରେ ହେବାକୁ ଥିବା ପ୍ରସିଦ୍ଧ ସମଲେଇ ମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଲୋକାର୍ପଣ ଉତ୍ସବକୁ ଭାବ୍ୟ ଓ ଦିବ୍ୟ କରିବା ନିମନ୍ତେ ବିଭିନ୍ନ ଜିଲ୍ଲାର ପ୍ରମୁଖ ମନ୍ଦିରକୁ ନିମନ୍ତ୍ରଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ଦେବଗଡ଼ ଜିଲ୍ଲାର କନକ ଦୁର୍ଗା ମନ୍ଦିର, ମା ପଧାନୀ ବୁଢି, ତାରିଣୀ ମନ୍ଦିର ଧରମପୁର, ଠାକୁରାଣୀ ମନ୍ଦିର ପରା, କାଳୀ ମନ୍ଦିର ଆଉଁଳି, କଟାସର ସ୍ଥିତ ମା କନକ ଦୁର୍ଗା ମନ୍ଦିର, ବିଜୟନଗର ସ୍ଥିତ ମା ସରଣୀପାଟ ମନ୍ଦିର, ଦୁର୍ଗା ମନ୍ଦିର ଓ କଲ୍ଲା ମନ୍ଦିରକୁ ସମ୍ବଲପୁରରୁ ଆସିଥିବା ସେବାୟତ ବିରେନ୍ଦ୍ର ରାୟ, ପୂଜକ ପ୍ରକାଶ ରାୟ, ପବିତ୍ର ଦେଓ, ସହକାରୀ ଜିଲ୍ଲାପାଳ ସୂରଯୋ ବରାଳ ଆସି ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଏହି ୭ଟି ମନ୍ଦିରର ସେବାୟତ ନିମନ୍ତ୍ରଣ ପତ୍ର ଗ୍ରହଣ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଶଙ୍ଖ, ଘଣ୍ଟ, ହୁଳହୁଳି ସଭାବ୍ୟ ସମ୍ବର୍ଦ୍ଧନାରେ ଅତିରିକ୍ତ ଜିଲ୍ଲାପାଳ ରେବେକା ସେବାୟତଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌରପରିଷଦ ଅଧକ୍ଷା ଶାନ୍ତି ମଞ୍ଜରି ଦେଇ, ଉପ ନଗରପାଳ ପ୍ରଜିତ ଭୋଜ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଜିଲ୍ଲାର ମନ୍ଦିରରୁ ଆସିଥିବା ସେବକ ଓ ଜିଲ୍ଲାର କଳାକାର, ବରିଷ୍ଠ ନାଗରିକ, ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି

**ଝାରସୁଗୁଡ଼ା,୧୬।୧ (ସମିସ):** ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ସକାଶେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଆବୋଲୀ ସୁନୀଲ ନରୱଣେଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର ନାୟକ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ଉପଜିଲ୍ଲାପାଳ କିଶୋରଚନ୍ଦ୍ର ସ୍ୱାଇଁ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ନିର୍ମଳ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜୟ ଜେନା ବୈଠକର କାର୍ଯ୍ୟସୂଚୀ ଅନୁସାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ବିଭିନ୍ନ ଶିକ୍ଷାନୁଷ୍ଠାନର ମୁଖ୍ୟ, ବିଭାଗୀୟ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା

**ବ୍ରଜରାଜନଗର, ୧୬।୧(ସମିସ):** ବ୍ରଜରାଜନଗର ମହାବିଦ୍ୟାଳୟର



ଅଧକ୍ଷ ସମୀର ରଞ୍ଜନ ନାୟକଙ୍କ ମାର୍ଗଦର୍ଶନ ତଥା ନୂଆ-ଓ'ର ଯୁକ୍ତ ୩ ପ୍ରଭାରୀ ପ୍ରାଧ୍ୟାପକ ସୁପ୍ରକାଶ ଚୌଧୁରୀ, ଯୁକ୍ତ ୨ ପ୍ରଭାରୀ ପ୍ରାଧ୍ୟାପିକା ପଦ୍ମିନୀ ତ୍ରିପାଠୀ, ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତିଯୋଗିତା ଯୁକ୍ତ ତିନି ପ୍ରଭାରୀ ଶ୍ରୀକର ଭୋଇ ଓ ଯୁକ୍ତ ଦୁଇ ପ୍ରଭାରୀ ପଦ୍ମାବତୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ଜଗନ୍ନାଥ ସଂସ୍କୃତିରେ ସର୍ବଧର୍ମ ସମନ୍ୱୟ ଉପରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ତଥା ଲେଖିକା ଅଞ୍ଜଳିପ୍ରଭା ପଟ୍ଟନାୟକ ବିଚାରକ ଥିଲେ। ସଂଯୋଜକ ମୁଖ୍ୟ ଡ଼ ଋତୁପର୍ଣ୍ଣା ମହାନ୍ତି, ଯୁକ୍ତ ଦୁଇ ସଂଯୋଜିକା ପୁଷ୍ପାଞ୍ଜଳି ସାହୁ, ଅଧ୍ୟାପିକା ସଙ୍ଗୀତା ସାହୁ, କୁମାରୀ ମଧୁମିତା କର୍ଣ୍ଣ, ସୁଚିତ୍ରା ସାହୁ, ଅଧ୍ୟାପକ ସୁଦୀପ ଡୁଙ୍ଗଡଙ୍ଗ, ସୁମିତ ତିର୍କି, ଦେବେନ୍ଦ୍ର ସୁତାର, ଅଧ୍ୟାପିକା ରିଜା ପ୍ରସାଦ, ଦୀପିକା କେରକେଟା, ଶ୍ୱେତା ପାଣ୍ଡେ, ଲିଲି କଲେଟ, ସସ୍ମିତା କରାଲି, ବିଶି କେଶନ କୁମୁରା ସହଯୋଗ କରିଥିଲେ।

# ବହୁ ଶ୍ରଦ୍ଧାଳୁଙ୍କ ଗହଣରେ ହରି-ହରଙ୍କ ଭେଟ

**କୋଲାବିରା, ୧୬।୧(ସମିସ)**

କୋଲାବିରା ବ୍ଲକ ଅନ୍ତର୍ଗତ ବଡବାହାଲ ଠାରେ ସାଂସ୍କୃତିକ ଭାବଧାରା ଓ ପରମ୍ପରାକୁ ଆଧାରକରି ବହୁ ପୁରାତନ କାଳରୁ ଚାଲି ଆସୁଥିବା ମକରଉତ୍ସବ ସହ ହରିହରଙ୍କ ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯାତ୍ରା କମିଟି ତଥା ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଗୌରୀଶଙ୍କର ମିତ୍ରତା ବନ୍ଧନରେ ଆବଦ୍ଧ ହୋଇ ଭକ୍ତଙ୍କୁ ଗୋଟିଏ ରଥରେ ଦର୍ଶନ ଦେଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଏହି ଯାତ୍ରା ମଧ୍ୟାହ୍ନରେ ଶ୍ରୀଜଗନ୍ନାଥଙ୍କୁ ମନ୍ଦିରରୁ ବାହାରକରି ବେଢ଼ା ପରିକ୍ରମା ହୋଇଥିଲା ଓ ପରେ ବିଧି ଅନୁଯାୟୀ ରଥାରଢ କରାଯାଇଥିଲା। ଶ୍ରୀଜଗନ୍ନାଥଙ୍କ ସହ ବଳଭଦ୍ର ଓ ଦେବୀ ସୁଭଦ୍ରା ମଧ ରଥାରଢ ହୋଇଥିଲେ। ସେହିପରି ବିପରିତ ଦିଗରୁ ଗୌରୀଶଂକର ମନ୍ଦିରରୁ ହରଙ୍କ ପ୍ରତିମାକୁ ରଥରେ ଆଣି ସେଠାରେ ପହଞ୍ଚିଥିଲେ। ଏଠାରେ ହରି-ହରଙ୍କ ଭେଟ ହୋଇଥିଲା। ଚଳିତବର୍ଷ ହରପ୍ରସାଦ ପଟେଲ ହରୀଙ୍କ ଓ ହୃଦାନନ୍ଦ ପଟେଲ ହରଙ୍କ ସପତ୍ନୀକ କର୍ତାକାର୍ଯ୍ୟ ତୁଲାଇଥିଲେ। ପୂଜକ ଅକ୍ଷୟ ନାଏକ, କାର୍ତିକ କଉଡି, ଶତୃଘ୍ନ ସୁନାନୀ ଏବଂ ହେମନ୍ତ ମାକର ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ଯାତ୍ରା କମିଟି ପକ୍ଷରୁ ହରିଙ୍କୁ ତୁଳସୀମାଳ ଏବଂ ଗାମୁଛା ଅର୍ପଣ କରାଯାଇଥିଲା। ଏହାପରେ ପୋଡପିଠା ଓ ମକର ଚାଉଳ ଭୋଗଲାଗି ହୋଇଥିଲା। ଅଷ୍ଟପ୍ରହର ନାମଯଜ୍ଞ, ସଂକୀର୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ହରଙ୍କୁ ସାଥୀରେ ନେଇ ହରିଙ୍କ ରଥ ମନ୍ଦିରକୁ ବାହୁଡିଥିଲା। ଏହି ଅବସରରେ ପରସ୍ପରକୁ ମକର ଚାଉଳ ଖୁଆଇ ସମବୟସ୍କମାନେ ମକର ବସିଥିଲେ। ରାତିରେ ନାଟକ ମଞ୍ଚସ୍ଥ ହୋଇଥିବା ବେଳେ ସଙ୍ଗୀତ ସୁରଭି, କୃଷ୍ଣଗୁରୁ, ଭଜନ, ଅର୍କେଷ୍ଟ୍ରା, ନାଟକ ଆଦି କାର୍ଯ୍ୟକ୍ରମ ମଧ ପରିବେଷଣ ହୋଇଥିଲା।



# ଧର୍ମେନ୍ଦ୍ରଙ୍କୁ ଧକ୍କା: ୨୪ ଘଣ୍ଟାରେ ବିଜେପି ଛାଡ଼ିଲେ ନିରଞ୍ଜନ

**ଦେବଗଡ଼, ୧୬।୧ (ସମିସ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦେବଗଡ଼ ଜିଲ୍ଲା ଗସ୍ତ ଅବସରରେ ବାରକୋଟ ବ୍ଲକ ଡ଼ଁରା ପଞ୍ଚାୟତ ମୁଖ୍ୟାଳୟରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମକୁ ମିଶ୍ରଣ ପର୍ବ କାର୍ଯ୍ୟକ୍ରମ କରାଯାଇଥିବା ବହୁ ନେତା ଅଭିଯୋଗ କରିଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କୁ ଅଭିଯୋଗ ପତ୍ର ଦେବାକୁ ଯାଇଥିବା ସେହି ଅଞ୍ଚଳର ବରିଷ୍ଠ ଚାଷୀ ନେତା ନିରଞ୍ଜନ ବେହେରାଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ବିଜେପିରେ ସାମିଲ କରାଇଥଲା। ସେ କେନ୍ଦ୍ରମନ୍ତ୍ରୀଙ୍କୁ କୌଣସି ଉତ୍ତର ଦେବାକୁ ସାହସ କରି ନ ଥିଲେ। ତେବେ ୨୪ ଘଣ୍ଟା ନ ପୂରୁଣୁ ନିରଞ୍ଜନ ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇ ଘଟଣା ସମ୍ପର୍କରେ ପ୍ରକାଶ କରିଛନ୍ତି। ସେ ଜୀବନର ଶେଷ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଜଡିତ ରହିବେ ବୋଲି ପ୍ରକାଶ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଏଭଳି ହୀନ ଉଦ୍ୟମକୁ ଦେବଗଡ଼ ଜିଲ୍ଲା ବିଜେଡି ସଭାପତି ଇଂ. ଚିତ୍ତରଞ୍ଜନ ପ୍ରଧାନ ଦୃଢ଼ ନିନ୍ଦା କରିଛନ୍ତି।





ପଦ୍ମପୁର ଜିଲ୍ଲା ଗଠନ ଦାବି ସହ ବିଭିନ୍ନ ଅନ୍ୟାନ୍ୟ ଦାବିନେଇ ମିଳିତ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନକ୍ରମେ ମଙ୍ଗଳବାର ୧୨ ଘଣ୍ଟିଆ ବନ୍ଦ ଶାନ୍ତିପୂର୍ଣ୍ଣ ସହ ସମ୍ପନ୍ନ ହୋଇଛି। ଏହି ବନ୍ଦ ପାଳନରେ ପଦ୍ମପୁର, ପାଇକମାଳ, ଝାରବନ୍ଧ ଓ ଗାଇସିଲେଟ୍ ବ୍ଲକ୍ ସାମିଲ ହୋଇଥିଲେ।

## ପଥଭ୍ରଷ୍ଟଙ୍କ ପାଇଁ ସାଜିଛନ୍ତି ରୋଲ୍ ମଡେଲ୍

# ମୁଇଁ ଖାଲି ଖବରକାଗଜ ବିକ୍‌ମି

**ସମ୍ବଲପୁର, ୧୬।୧(ସମିସ)**

'ମୋତେ ଭିକ ମାଗବାକେ ଭଲ ନାଇ ଲାଗେ। ପରିଶ୍ରମ କରି ଦୁଇ ପଇସା ରୋଜଗାର କରିକି ବଞ୍ଚିବି। କାହା ପାଖରେ ହାତ କେତେ ପତାମି। ମୁଇ ଅଲଗା କାମ କରି ନାଇ ପାରେ। ନିଜେ ବଞ୍ଚବା ଲାଗି କିଛି ତ ରୋଜଗାର କରମି। ଖବରକାଗଜ ବିକବାକେ ଭଲ ଲାଗସି। ହେତିର ଲାଗି ବଞ୍ଚିଥିବା ଯାଏଁ ଖାଲି ଖବରକାଗଜ ହିଁ ବିକିବି। ଏ କଥା କହିଲା ବେଳେ ଦିବ୍ୟାଙ୍ଗ ଲମ୍ବୋଦର ରଣାଙ୍କ ମୁହଁ ଆତ୍ମବିଶ୍ୱାସ ଓ ଆତ୍ମସମ୍ମାନରେ ଝଲସି ଉଠିଥିଲା।

ସମ୍ବଲପୁର ମହାନଗର ନିଗମ ରେମେଡ ବିହାରି ପଡ଼ାର ୨୬ ବର୍ଷିୟ ଲମ୍ବୋଦରଙ୍କ ଦୁଇ ଗୋଡ ପୋଲିଓ ହୋଇଥିବାରୁ ଭଲରେ ଚାଲି ପାରନ୍ତି ନାହିଁ। ଆଶା ବାଡିର ସାହାରାରେ ଧିରେ ଧିରେ ଚାଲନ୍ତି। କଥାବି ଖନେଇ ଖନେଇ କହନ୍ତି ଘରୁ ପ୍ରାୟ ୭ କିମି ଦୁର ଜିଏମ କଲେଜ ପାଖ ଷ୍ଟେସନ ରାସ୍ତା କଡରେ ବସି ଖବରକାଗଜ ବିକ୍ରି କରନ୍ତି। ତାଙ୍କୁ ସାହସିକତା ଓ ସ୍ୱାଭିମାନୀ କାର୍ଯ୍ୟ ଯିଏ ଦେଖିବା ଭିନ୍ନକ୍ଷମ ଶବ୍ଦଟି ମନରେ ଭାବିବା ପାଇଁ ଭିନ୍ନ ଲାଗିବ। ଏହି ଅଞ୍ଚଳରେ ତାଙ୍କ ଲୋକ ପ୍ରିୟତା ରହିଛି। ଲମ୍ବୋଦର ସକାଳୁ ସକାଳୁ ପହଞ୍ଚିବା ମାତ୍ରେ ତାଙ୍କ ପାଖରୁ ଖବରକାଗଜ କିଣିବା ପାଇଁ ଲୋକଙ୍କ ଭିଡ ଜମିଥାଏ।

ପିଲା ବେଳୁ ତାଙ୍କ ଦୁଇଗୋଡ ପୋଲିଓ ରୋଗରେ ଅକ୍ରାନ୍ତ। ବୟସ ବଢ଼ିଲା ହେଲେ ଗୋଡ ଆଉ ଭଲ ହେଲା ନାହିଁ। ଡାକ୍ତରଙ୍କ ପାଖରେ ଚିକିତ୍ସା କରାଗଲା ହେଲେ ସଫଳ ମିଳିଲା ନାହିଁ। ପରିବାରରେ ବାପା ମା ଭାଇ ସମସ୍ତେ ଅଛନ୍ତି। ସେମାନଙ୍କ ଉପରେ କେତେ ହେଲେ ବୋଝ ହେବେ, ସେଥି ପାଇଁ ନିଜେ କିଛି ବ୍ୟବସାୟ କରିବାକୁ ନିଷ୍ପତି ନେଲେ। ବ୍ୟବସାୟ କରିବା ପାଇଁ ସମ୍ବଳ ଅଭାବ ରହିଥିଲା। ତେଣୁ କରି ଖବରକାଗଜ ବିକ୍ରି କଲେ ଟଙ୍କାର ଆବଶ୍ୟକ ପଡ଼ିବ ନାହିଁ। ଏହା ସହ ଗୋଟିଏ ସ୍ଥାନରେ ବସି ଖବରକାଗଜ ବିକ୍ରି କରି ଆତ୍ମନିର୍ଭର ହୋଇ ପାରିବି ବୋଲି ଚିନ୍ତା କରିଥିଲେ। ଜିଏମ କଲେଜ ଓ ଷ୍ଟେସନ ରାସ୍ତା କଡରେ ଖବରକାଗଜ ବିକ୍ରି କରିବା ୨ ବର୍ଷ ହେଲାଣି ଆରମ୍ଭ କରିଥିଲେ। ସେ ଖବର କାଗଜ ବିକ୍ରି କରି କିଛି ରୋଜଗାର କରି ପାରୁଛନ୍ତି। ସକାଳୁ ୪ଟାରୁ ଉଠି ଘରୁ ଏକ ଘରୋଇ କମ୍ପାନି ଗାଡିରେ ଅଇଁଠାପାଲି ଛକ ପର୍ଯ୍ୟନ୍ତ ଆସନ୍ତି। ସେଠାରୁ ଅଟୋ ସାହାର୍ଯ୍ୟରେ ଜିଏମ କଲେଜ ଛକ ପହଞ୍ଚିଥାନ୍ତି। ହେଲେ ଉକ୍ତ ଅଞ୍ଚଳର ସମସ୍ତ ଲୋକ ଲମ୍ବୋଦରଙ୍କୁ ସହଯୋଗ କରିଥାନ୍ତି। ଅଟୋ ଚାଳକ ପଇସା ନେବା ପାଇଁ ମନା କରନ୍ତି। ହେଲେ ଲମ୍ବୋଦର ବହୁତ ସ୍ୱାଭିମାନୀ ଜାଚିକି ପଇସା ଦିଅନ୍ତି ବୋଲି ଅଟୋ ଚାଳକ ସଞ୍ଜୀବ ଜାଲ କହିଛନ୍ତି। ଖବରକାଗଜ ବିକ୍ରି ଛାଡି ଅନ୍ୟ ରୋଜଗାର କରିବା ପାଇଁ ଆଗ୍ରହ ଥିଲେ ମଧ୍ୟ ସମସ୍ୟା ଥିବା କହିଛନ୍ତି। ଛୋଟିଆ ଦୋକାନ କଲେ ବହୁତ ଟଙ୍କା ଲାଗିବ। ପ୍ରତିଦିନ ଦୋକାନ ପାଇଁ ସମାଗ୍ରୀ ହୋଲସେଲର ପାଖରୁ ଆଣିବାକୁ ପଡ଼ିବ। ଯାହା ମୋ ପାଇଁ ସହଜ ନୁହେଁ। ଖବରକାଗଜ ବିକ୍ରି କରିବା ପାଇଁ ମୋ ପାଖକୁ ଜଣେ ବ୍ୟକ୍ତି ଆଣି ଦିଅନ୍ତି। ପ୍ରତିଦିନ ୪୦ରୁ ୫୦ ଖଣ୍ଡ କାଗଜ ବିକ୍ରି କରନ୍ତି। ଯେଉଁ ଦିନ ଖବରକାଗଜ ବଳି ଯାଏ ବ୍ୟକ୍ତି ଜଣଙ୍କ ଫେରାଇ ନିଅନ୍ତି। ମୋର କମିସନ କାଟି ପ୍ରତିଦିନ ଟଙ୍କା ଫେରାଇ ଦିଏ। ପୁଣି ପରଦିନ ଆସି ବ୍ୟବସାୟ କରନ୍ତି। ଏବେ ହାତକୁ କିଛି ଟଙ୍କା ଖର୍ଚ୍ଚ କରିବାକୁ ପଡୁ ନାହିଁ। ଫଳରେ ସୁବିଧା ହେଉଛି। ମନରେ ଅନେକ ଆଶା ରହିଛି, କରିବାର ସପ୍ନ ରହିଛି। ହେଲେ ପୁରା ହେବ କି ନାହିଁ ଜଣା ନାହିଁ ବୋଲି କହିଛନ୍ତି। ଆଜିକାଲି ସୁସ୍ଥ ସବଳ ଓ ଶିକ୍ଷିତ ଯୁବକମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। କିଛି ଟଙ୍କା ପାଇଁ ହତ୍ୟା ଲୁଣ୍ଠନ ଭଳି କୁକର୍ମକୁ ଆପଣେଇବାକୁ ପଛାଉନାହାନ୍ତି। ନିଶା ଦ୍ରବ୍ୟ ପାଇଁ ଟଙ୍କା ନ ପାଇଲେ ବାପାମାଆଙ୍କୁ ମଧ୍ୟ ଜୀବନରେ ମାରି ଦେବା ଘଟଣା ଘଟୁଛି। ସେହିଭଳି ପଥଭ୍ରଷ୍ଟଙ୍କୁ ଉଚିତ ମାର୍ଗଦର୍ଶନ ପାଇଁ ଶ୍ରୀ ରଣା ଜଣେ ରୋଲ ମଡେଲ ବୋଲି ସ୍ଥାନୀୟବାସୀ କହିଛନ୍ତି।



## ■ ଦେବଗଡ଼ ବନ୍ଦ

# ଧାନବସ୍ତା ରଖି ରାସ୍ତା ଅବରୋଧ



**ଦେବଗଡ଼, ୧୬।୧(ସମିସ):** ମଣ୍ଡି ସମସ୍ୟା ସମେତ ଜିଲାର ଚାଷୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ମଙ୍ଗଳବାରଦେବଗଡ଼ ଜିଲ୍ଲା କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ସକାଳ ପ୍ରାୟ ୬ଟାରୁ ଜିଲ୍ଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଶହଶହ କଂଗ୍ରେସ କର୍ମୀ ଦେବଗଡ଼ ପୌରାଞ୍ଚଳ ନୀଳବେର୍ଣ୍ଣୀସାହି ବାଇପାସ୍ ଛକ ସମେତ ଜିଲ୍ଲାର ତିଲେଇବଣି, ରିଆମାଳ ଓ ବାରକୋଟ ବ୍ଲକର ବିଭିନ୍ନ ସ୍ଥାନରେ ଧାନବସ୍ତା ରଖି ରାସ୍ତା ଅବରୋଧ କରିଥିଲେ। ଏହା ଫଳରେ ଜିଲ୍ଲା ଦେଇଯାଇଥିବା ପ୍ରାୟ ସମସ୍ତ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ଯାନ ବାହାନ ଚଳାଚଳ ବାଧାପ୍ରାପ୍ତ ହେବା ସହ ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଯାନ ବାହାନ ଅଟକି ରହିଥିଠିଲା। ସେହିପରି ବସ୍ ସେବା ମଧ ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ଯାତ୍ରୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସକାଳେ କଂଗ୍ରେସ ନେତା ଓ କର୍ମୀମାନେ ପିକେଟିଂ କରି ଦେବଗଡ଼ ଦୈନିକ ବଜାର ସମେତ ବିଭିନ୍ନ ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ ଓ ଶିକ୍ଷାନୁଷ୍ଠାନ ଆଦି ବନ୍ଦ କରିଥିଲେ। ତେବେ ପରୀକ୍ଷାର୍ଥୀଙ୍କ ପାଇଁ ଦଳ ପକ୍ଷରୁ କୋହଳ ମନୋଭାବ ପୋଷଣ କରାଯାଇଥିଲା। କୃଷକଙ୍କ ସ୍ୱାର୍ଥ ନିମନ୍ତେ ଚାଲିଥିବା ଏହି ବନ୍ଦ ପାଳନକୁ ଜିଲ୍ଲା କୃଷକ ସଂଘର୍ଷ ସଂଘ ସମର୍ଥନ କରିଥିବା ବେଳେ ସଂଘର୍ଷ ସଂଘର ସାଧାରଣ ସମ୍ପାଦକ ଗୁଣନିଧି ବେହେରା ଓ ଉପସଭାପତି ଦେବରାଜ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ପୁରୁଷ ଓ ମହିଳା ଚାଷୀ ଏଥିରେ ସାମିଲ ହୋଇଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ କଂଗ୍ରେସ ନେତା, କର୍ମୀ ଓ କୃଷକ ସଂଘର୍ଷ ସଂଘର ସଦସ୍ୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାନ ବସ୍ତା ରଖି ପ୍ରତିବାଦ ଜଣାଇବା ସହ ପିକେଟିଂ କରି ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ପୋଷ୍ଟ ଅଫିସ ଓ ଶିକ୍ଷାନୁଷ୍ଠାନଗୁଡିକୁ ବନ୍ଦ କରିଥିଲେ। ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଲିତା ଆଚାର୍ଯ୍ୟ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ପାତ୍ର, ଜିଲ୍ଲା କଂଗ୍ରେସ ଓବିସି ସେଲ୍‌ଫ ସଭାପତି ସୁବାସ ଚନ୍ଦ୍ର ଭୋଇ, ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ରିଆମାଳ ବ୍ଲକ କଂଗ୍ରେସ କମିଟି ସଭାପତି ସୁଶାନ୍ତ ସ୍ୱାଇଁ, ବାରକୋଟ ବ୍ଲକ କଂଗ୍ରେସ ସଭାପତି ଯଶୋବନ୍ତ ସାହୁ, ତିଲେଇବଣି ବ୍ଲକ କଂଗ୍ରେସ ସଭାପତି ସୁରେନ୍ଦ୍ର ସାହୁ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସଲମନ ହେନେଜ ଓ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଆନନ୍ଦ କୁଲାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଓ କୃଷକ ସଂଘର୍ଷ ସଂଘର ବହୁ ସଦସ୍ୟ ସଦସ୍ୟା ଅଂଶଗ୍ରହଣ କରିଥିଲେ।

# ଧନୁଯାତ୍ରା ଉପଲକ୍ଷେ ଆଇନ ସଚେତନତା ଶିବିର



**ବରଗଡ଼, ୧୬।୧ (ସମିସ):** ଜର୍ଜ ହାଇସ୍କୁଲ ମୀନାବଜାର ପଡିଆରେ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଉପଲେକ୍ଷ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହା ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ। ଗରିବ, ମହିଳା, ଶିଶୁ, ସାଧାରଣ ଜନତା ଏହାର ଲାଭ ଉଠାଇବାକୁ ଶିବିର ପକ୍ଷରୁ ଅନୁରୋଧ କରାଯାଇଛି। ଜିଲ୍ଲା ଜଜ୍ ଶ୍ରୀମତୀ ଲୁନା ମହାନ୍ତି ଶିବିରକୁ ଉଦଘାଟନ କରିଥିଲେ। ଶିବିରରେ ପାରିବାରିକ ଅଦାଲତର ବିଚାରପତି ସୁଶାନ୍ତ ପଟେଲ, ଅତିରିକ୍ତ ଜିଲ୍ଲା ବିଚାରପତି (ପୋକ୍ସୋ) ସତ୍ୟ ରଜନ ପ୍ରଧାନ, ଅତିରିକ୍ତ ଜିଲ୍ଲା ବିଚାରପତି ସଂଘମିତ୍ରା ଶର୍ମା, ବିଚାର ବିଭାଗୀୟ ମାଜଷ୍ଟ୍ରେଟ ସିଦ୍ଧାର୍ଥ ସାହୁ, ରେଜିଷ୍ଟ୍ରାର୍ ବିଭୂକଲ୍ୟାଣ ପାଢୀ, ବରିଷ୍ଠ ଦେୱାନୀ ବିଚାରପତି ରତୁପର୍ଣ୍ଣା ମିଶ୍ର, ବରିଷ୍ଠ ଦେବାନୀ ବିଚାରପତି ବର୍ଷା ଶର୍ମା, ବରିଷ୍ଠ ଦେବାନୀ ବିଚାରପତି (ମହିଳା ଅଦାଲତ) ପ୍ରଜ୍ଞା ଲଳିତ୍ ମିଶ୍ର, ଦେବାନୀ ବିଚାରପତି ସୋନାଲୀ ମହାନ୍ତି, ଉପଖଣ୍ଡିୟ ବିଚାର ବିଭାଗୀୟ ମାଜଷ୍ଟ୍ରେଟ ସବ୍ୟସାଚୀ ପ୍ରଧାନ, ଦ୍ୱିତୀୟ ଶ୍ରେଣୀ ବିଭାଗୀୟ ମାଜଷ୍ଟ୍ରେଟ ମଧୁସ୍ମିତା ମହାପାତ୍ର ଓ ଆରିଆ ଐଶ୍ୱର୍ଯ୍ୟା ଆଚାର୍ଯ୍ୟ, ପି.ପି. ସଂଜୟ ପ୍ରଧାନ ଓ ଅତିରିକ୍ତ ପି.ପି. ମନୋଜ ଏକ୍କା, ପ୍ରାଧିକରଣ ଅର୍ନ୍ତଭୁକ୍ତ ଆଇନ୍‌ଜୀବୀ, ଜିଲ୍ଲା ପାରାଲିଗାଲ ସେଚ୍ଛାସେବୀ କର୍ମକର୍ତା ଯୋଗ ଦେଇଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ କମଳାକାନ୍ତ ରାଉତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଦିବାରାତ୍ର ଭଲିବଲ ପ୍ରତି ଯୋଗିତା

# ଶେଣ୍ଢା ଭଲିବଲ କ୍ଲବ୍ ଚାମ୍ପିଅନ



**ଦେବଗଡ଼, ୧୬।୧(ସମିସ):** ରିଆମାଳ ବ୍ଲକ ବୁଢାପାଳ ପଞ୍ଚାୟତର ଶେଣ୍ଢା ଭଲିବଲ କ୍ଲବ ଆନୁକୂଲ୍ୟରେ ଏକ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶେଣ୍ଢା ହାଇସ୍କୁଲ ପଡ଼ିଆରେ ରାଜ୍ୟର ମୋଟ ୮ଟି ଦଳକୁ ନେଇ ଆୟୋଜିତ ଏହି ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଭାବେ ବୁଢାପାଳ ସରପଞ୍ଚ ଦିଲ୍ଲୀପ ଆଚାର୍ଯ୍ୟ ଫିତାକାଟି ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଟଙ୍କଧର ଦେହୁରୀ, ଶେଣ୍ଢା ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ସାହୁ, ଶିକ୍ଷକ ପଞ୍ଚାନନ ଦେହୁରୀ, ମଙ୍ଗରାଜ ବେହେରା ଓ ମଳୟ ସାହୁ ଯୋଗ ଦେଇଥିଲେ। ଆୟୋଜକ ଶେଣ୍ଢା ଭଲିବଲ କ୍ଲବ ଓ ଅନୁଗୋଳ ଜିଲ୍ଲାର ଗୋବରା ଭଲିବଲ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ଏହି ମ୍ୟାଚକୁ ମୁଖ୍ୟ ଅତିଥି ଭାବେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚରେ ଅନୁଗୋଳ ଜିଲ୍ଲାର ଗୋବରା ଭଲିବଲ ଦଳକୁ ପରାସ୍ତ କରି ଆୟୋଜକ ଶେଣ୍ଢା ଭଲିବଲ କ୍ଲବ ଚାମ୍ପିଅନ ହୋଇଥିଲା। କ୍ଲବର ସଭାପତି ଦେବାଶିଷ ଧରଙ୍କ ସଭାପତିତ୍ୱ ଓ ପ୍ରଦୀପ ବେହେରାଙ୍କ ପରିଚାଳନାରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସରପଞ୍ଚ ସଂଘର ସଭାପତି ତଥା ଓଡ଼ିଶା ସରପଞ୍ଚ ସଂଘର ମୁଖ୍ୟ ଉପଦେଷ୍ଟା ସତ୍ୟ ନାରାୟଣ ପାଣି, ସମ୍ମାନୀତ ଅତିଥି ଭାବେ ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ଗୀତାଞ୍ଜଳି ପାଣି ଓ ସରପଞ୍ଚ ଦିଲ୍ଲୀପ ଆଚର୍ଯ୍ୟ, ସ୍ୱତନ୍ତ୍ର ନିମନ୍ତ୍ରୀତ ଅତିଥି ଭାବେ ସୁମନ୍ତ ବେହେରା ଓ ଜିଲ୍ଲା ଭଲିବଲ ସଂଘର ସମ୍ପାଦକ ବସନ୍ତ ସାହୁ ଯୋଗଦେଇ ଚାମ୍ପିଅନ ଶେଣ୍ଢା ଭଲିବଲ କ୍ଲବ ଓ ରନର୍ସ ଅପ୍ ଗୋବରା ଭଲିବଲ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଶିକ୍ଷକ ଧରଣୀଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ରୀଡ଼ା ଶିକ୍ଷକ ପ୍ରଦୀପ ଭୁତିଆ, ଶିକ୍ଷକ ତପନ ଠାକୁର, କ୍ଲବର ସମ୍ପାଦକ ଆଶୁତୋଷ ବେହେରା, ସଦସ୍ୟ ସନ୍ତୋଷ ବେହେରା, ମାନସ ବେହେରା, ସୁଶୀଳା ବେହେରା, ଆଶିଷ ଧର, ଲକି ବେହେରା, ବାଣୀ ସୁନ୍ଦର ନାଏକ, ମିଳନ ସାହୁ, ଟିକନ ବେହେରା, କାହ୍ନୁ ଚରଣ ଦେହୁରୀ, ମନୋଜ ବେହେରା, ନିତେଶ ଶତପଥୀ, ପୌଲସ୍ତୀ ନାୟକ, ସରୋଜ ଠାକୁର ଓ ଅବିନାଶ ଶତପଥି ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ।



ଉଦ୍ଧାର ନବଜାତକ ଫଟୋ ଭାଇରାଲ ଘଟଣା

# ଭିମସାର ଓ ଡାକ୍ତର ରାମଚନ୍ଦାନୀଙ୍କ ଅଡୁଆ ବଢ଼ିଲା

ସମ୍ବଲପୁର, ୧୬।୧(ସମିସ)

ରେଙ୍ଗାଲି ଥାନା ଲାରିପାଲି ଜଣଙ୍କ ରୟତି ଜମିରେ ଥିବା ପରିତ୍ୟକ୍ତ ବୋରୱେଲରୁ ନବଜାତକ ଶିଶୁ କନ୍ୟା ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିଲା। ଉଦ୍ଧାର ପରେ ଭିମସାରରେ ଚିକିତ୍ସା କରାଯାଇଥିଲା। ଏବେ ଶିଶୁ କନ୍ୟା ଡିସଚାର୍ଜ ହୋଇ ବରଗାଁ ସ୍ଥିତ ଶିଶୁ ଗୃହରେ ରହିଛି। ହେଲେ ଭିମସାରରେ ଚିକିତ୍ସିତ ସମୟରେ ଓ ଡିସଚାର୍ଜ ସମୟରେ ଶିଶୁ କନ୍ୟାଙ୍କ ଫଟୋ ଓ ଭିଡିଓ ବାରମ୍ବାର ଭିମସାର ଭିତରୁ ଭାଇରାଲ ହୋଇଥିଲା। ଭିମସାର ବରିଷ୍ଠ ଡାକ୍ତର ଶଙ୍କର ରାମଚନ୍ଦାନୀ ମଧ୍ୟ ଶିଶୁ କନ୍ୟା ସହିତ ଫଟୋ ଓ ଭିଡିଓ କରି ନିଜ ସମାଜିକ ଗଣ ମାଧ୍ୟମରେ ପୋଷ୍ଟ କରିଥିଲେ। ଏହାକୁ ନେଇ ଶିଶୁ ସୁରକ୍ଷା ସମିତି ଅସନ୍ତୋଷ ବ୍ୟକ୍ତ କରି କାର୍ଯ୍ୟନୁଷ୍ଠାନ ଗ୍ରହଣ କରିଛି। ଭିମସାର କର୍ତ୍ତୁପକ୍ଷଙ୍କୁ ଏହି ଘଟଣାରେ ରିପୋର୍ଟ ତଳବ କରିଛି। ଆଜି ଚିଠି କରି ସମାଲୋଚନା କରିବା ସହ କଡା ତାଗିଦ କରିଛି। ଆଇନ ଅନୁସାରେ ଶିଶୁ କନ୍ୟାର ଫଟୋ, ଭିଡିଓ ଭାଇରାଲ କରି ପାରିବେ ନାହିଁ। ଏହା ସହ ଠିକଣା ମଧ୍ୟ ଗୋପନ ରଖା ଯାଇଥାଏ। ହେଲେ ଭିମସାର କର୍ତ୍ତୁପକ୍ଷ ଓ ଚିଠି କରି ୭ ଦିନ ଭିତରେ ରିପୋର୍ଟ


ଫାଇଲ ଫଟୋ

ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। କାହା ଅନୁମତିରେ ଭିମସାର ପରିସରରେ ନବ ଜାତକର ଏକୋଶିଆ ପାଳନ କରାଗଲା। ଏକୋଶିଆ ପାଳନ କରିବା ସମୟରେ ଗଣ ମାଧ୍ୟମ ଓ ସମାଜିକ ଗଣ ମାଧ୍ୟମରେ ଡାକ୍ତର ଶଙ୍କର ରାମଚନ୍ଦାନି ଓ ଅନ୍ୟମାନଙ୍କ ଫଟୋ ରହିଛି। ଗଣମାଧ୍ୟମରେ ଶିଶୁକନ୍ୟାଙ୍କୁ ନେଇ ମନ୍ତବ୍ୟ ଦେଇଛନ୍ତି। ଏହା ସହ ଡିସଚାର୍ଜ ସମୟରେ ଶିଶୁ କନ୍ୟାର ଫଟୋ ଓ ଭିଡିଓ ଯେଉଁଳି ଭାବେ ଦେଖାଯାଇଛି ଯେ, ସ୍ପଷ୍ଟଭାବେ ପରିଚିତ ହୋଇ ପାରୁଛି। ଏହା ଏକ ଦଣ୍ଡନୀୟ ଅପରାଧ ଅଟେ। ଶିଶୁ ସୁରକ୍ଷା ଆଇନ ଅନୁସାରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୁରକ୍ଷା ସମିତିର ସଦସ୍ୟ କହିଛନ୍ତି। ଅସହାୟ ଶିଶୁଙ୍କୁ ପାଳନ କରିବା ପାଇଁ ସରକାରଙ୍କ ସ୍ୱତନ୍ତ୍ର ବିଭାଗ କାମ କରୁଛି। ଉଦ୍ଧାର ଶିଶୁ କନ୍ୟାଙ୍କ କୌଣସି ଅସୁବିଧା ହେବ ନାହିଁ। ହେଲେ ଡାକ୍ତର ରାମଚନ୍ଦାନି ଶିଶୁ କନ୍ୟାଙ୍କୁ ଆଜିବନ ପାଠ ପଢ଼ାଇବେ ଏହି ଅଧିକାର କେହି ଛଡେଇ ପାରିବେ ନାହିଁ ବୋଲି ମନ୍ତବ୍ୟ ଦେଇଥିଲେ। ହେଲେ ଡାକ୍ତର ରାମଚନ୍ଦାନିଙ୍କୁ ଏହି ଅଧିକାର ଦେଲା କିଏ ବୋଲି ସଦସ୍ୟ କହିଛନ୍ତି। ଏହା ଏକ ଗୁରୁତ୍ୱର ଘଟଣା ସନ୍ତୋଷ ଜନକ ଉତ୍ତର ନ ଦେଲେ ଆଇନ ଅନୁସାରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ସୂଚନା ଯୋଗ୍ୟଯେ, ଲାରିପାଲି ପରିତ୍ୟକ୍ତ ବୋର ୱେଲରୁ ନବଜାତକ ଶିଶୁ କନ୍ୟା ଉଦ୍ଧାର ହୋଇଥିଲା। ଓଡ୍ରାଫ୍ଟ ଟିମ, ଅଗ୍ନିଶ୍ରମ ବିଭାଗ, ପୁଲିସ, ପ୍ରଶାସନ ପ୍ରାୟ ୮ ଘଣ୍ଟା ପରିଶ୍ରମ କରିବା ପରେ ଶିଶୁ କନ୍ୟାଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣାରେ ପୁଲିସ ଶିଶୁ କନ୍ୟାର ମାଆ ଓ ପୁରା ପରିବାରକୁ ଚିହ୍ନଟ କରିଛି। ମାଆ ମାନସିକ ରୋଗରେ ପିଡିତ ଥିବାରୁ କଟକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

## ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟଙ୍କ ସମ୍ବଲପୁର ଗସ୍ତ

ସମ୍ବଲପୁର, ୧୬।୧(ସମିସ): ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ କ୍ରମେ ସମ୍ବଲପୁର ଜିଲ୍ଲା ଗସ୍ତରେ ଏକ ଟିମ ଆସିଛନ୍ତି। ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ। ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟା ପ୍ରେମଶିଳା କେର୍କେଟାଙ୍କ ନେତୃତ୍ୱରେ ଟିମ ରହିଛି। ବହିଦାରବନ୍ଧ ଅଙ୍ଗନବାଡ଼ି କେନ୍ଦ୍ରରେ ଶୌଚାଳୟର ଅବସ୍ଥା ଖରାପ ଥିବା ବେଳେ ଶିକ୍ଷକମାନେ ଠିକ ସମୟରେ ଆସୁନଥିବା ଜଣା ପଡ଼ିଥିଲା। ଅଇଁଠାପାଲିରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର-୪ରେ ଶିକ୍ଷକଙ୍କ ଅନୁପଯୁକ୍ତ ସମୟ ଓ ପାଣି ସୁବିଧା ନାହିଁ, ଅଙ୍ଗନବାଡ଼ି କେନ୍ଦ୍ରରେ-୧ରେ ଶୌଚାଳୟର ସ୍ଥିତି ଖରାପ ରହିଛି। ବିଦ୍ୟାଳୟରେ ଉପଯୁକ୍ତ ସମୟ ରକ୍ଷଣା ବେକ୍ଷଣ କରାଯାଉନାହିଁ। ଅଙ୍ଗନୱାଡ଼ିରେ ଶୌଚାଳୟର ଅବସ୍ଥା ଖରାପ ରହିଛି ବୋଲି ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟା ପ୍ରେମଶିଳା କେର୍କେଟା କହିଛନ୍ତି। ସରକାରୀ ପ୍ରାଥମିକ ବିଦ୍ୟାଳୟ ସିଙ୍ଗପାଲିରେ ଶୌଚାଳୟ ଓ କୋଠରୀ କ୍ଷତିଗ୍ରସ୍ତ ହୋଇଥିବା, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିର୍ଗୁଣପଡ଼ାରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଠିକ ଭାବେ ନିଆଯାଇନଥିବା, ଆଶ୍ରମ ଏସଟି/ଏସସି ବିଦ୍ୟାଳୟରେ ଡାଇନିଂ ହଲ ନଥିବା, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୋଡମୁଣ୍ଡାରେ ପାଣି ସମସ୍ୟା ସହ ଶୌଚାଳୟର ଅଭାବ ଦେଖାଦେଇଛି ବୋଲି ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟା ପ୍ରେମଶିଳା କେର୍କେଟା କହିଥିଲେ।



## ମୋବାଇଲ ଚୋରି ଘଟଣାରେ ଯୁବକକୁ ମାଡ଼

ସମ୍ବଲପୁର, ୧୬।୧(ସମିସ):ଧନୁପାଲି ଥାନା ଅନ୍ତର୍ଗତ ସାକ୍ଷୀପଡ଼ାରେ ଏକ ମୋବାଇଲ ଚୋରି ଘଟଣାରେ ଜଣେ ଯୁବକକୁ ନିସ୍ଥୁକ ମାଡ ମାରିଥିବା ଜଣା ପଡ଼ିଛି। ସୂଚନାଯୋଗ୍ୟ, ସାକ୍ଷୀପଡ଼ାରୁ ଜଣଙ୍କ ପାଖରୁ ଏକ ମୋବାଇଲ ଚୋରି ହୋଇଥିଲା। ଫଳରେ ପାଖରେ ଥିବା ଏକ ଯୁବକଙ୍କୁ ସନ୍ଦେହ କରି ମୋବାଇଲ ଚୋରି କରିଥିବା ସ୍ଥାନୀୟ ଲୋକ କହିଥିଲେ। ସେ ଚୋରି କରିଥିବା ମାନି ନଥିବାରୁ ତାକୁ ମୋବାଇଲ ଫେରାଇବାକୁ କହିଥିଲେ। ହେଲେ ସେ ନେଇ ନଥିବା କହିଥିଲା। ପରେ ଲୋକ ଉତ୍ୟକ୍ତ ହୋଇ ତାକୁ ନିସ୍ଥୁକ ମାଡ ମାରିଥିଲେ। ଉକ୍ତ ଯୁବକଙ୍କୁ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ଆଣି ଚିକିତ୍ସା କରିଥିବା ଜଣା ପଡ଼ିଛି। ଖବର ଲେଖିବା ପର୍ଯ୍ୟନ୍ତ ପୁଲିସ ପାଖରେ କୌଣସି ସୂଚନା ନଥିବା କହିଛି।

## ମୋବାଇଲ ଚୋରି, ଜଣେ ଗିରଫ

ସମ୍ବଲପୁର, ୧୬।୧(ସମିସ):ଜଣେ ମହିଳାଙ୍କ ପାଖରୁ ମୋବାଇଲ ଚୋରି ଘଟଣାରେ ଧନୁପାଲି ପୁଲିସ ଜଣଙ୍କୁ ଗିରଫ କରିଥିବା ସୂଚନା ଦେଇଛି। ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ଏକ ନର୍ସିଂ ହୋମରେ କାମ କରୁଥିବା ସରିତା ସୁନା ତାଙ୍କ ମୋବାଇଲ ଚାର୍ଜରେ ବସାଇଥିଲେ। ମୋବାଇଲକୁ ଉକ୍ତ ଜାଗାରେ ଛାଡି ଏକ ରୋଗୀ ପାଖକୁ ଯାଇଥିଲେ। ସେହି ସମୟରେ କୁମ୍ଭାର ପଡ଼ାର ରାଜେଶ ଏକ ରୋଗୀକୁ ସାଙ୍ଗରେ ନେଇ ଉକ୍ତ ନର୍ସିଂ ହୋମକୁ ଆସିଥିଲେ। ଚାର୍ଜରେ ବସିଥିବା ମୋବାଇଲ ପାଖରେ ବସିଥିଲେ। କିଛି ସମୟ ପରେ ସରିତା ମୋବାଇଲ ନେବା ପାଇଁ ଆସିଥିଲେ। ହେଲେ ମୋବାଇଲଟି ନଥିଲା କି ସେ ଯୁବକ ଜଣଙ୍କ ନଥିଲେ। ମୋବାଇଲ ନପାଇ ସରିତା ଧନୁପାଲି ଥାନରେ ଏତଲା ଦେଇଥିଲେ। ଧନୁପାଲି ପୁଲିସ ଆଜି ରାଜେଶକୁ ଗିରଫ କରି କୋର୍ଟ ଚାଲଣ କରିଥିବା ସୂଚନା ଦେଇଛି।

## ଖାଉଟି ଅଦାଲତରେ ବିଲ୍ଡର ଦଣ୍ଡିତ

ସମ୍ବଲପୁର, ୧୬।୧(ସମିସ) ସମ୍ବଲପୁର ଖାଉଟି ଅଦାଲତରେ ବିଲ୍ଡର ଦଣ୍ଡିତ ହୋଇଛନ୍ତି। ଶିବା ହେବିଟେଜ ନାମକ ବିଲ୍ଡର କମ୍ପାନୀକୁ କ୍ଷତିପୁରଣ ଦେବା ସହ ଜରିମାନା କରିଛନ୍ତି ଖାଉଟି ଅଦାଳତ। ୪ ଆବେଦନକାରୀଙ୍କୁ ୫ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୁରଣ ଓ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ସୂଚନା ଯୋଗ୍ୟଯେ ବିଲ୍ଡରଙ୍କ ପାଖରୁ କୈଳାଶଚନ୍ଦ୍ର ବାଲି, ଶ୍ରୀତମ ମହାନ୍ତି, ପ୍ରମୋଦ କୁମାର ଶର୍ମା, ପ୍ରଦିପ୍ତ କୁମାର ବେହେରା ଘର କିଣିଥିଲେ। ହେଲେ ସରକାରଙ୍କ ନିୟମ ଓ ଚୁକ୍ତି ଅନୁସାରେ ଘର ନିର୍ମାଣ କରାଯାଇ ନାହିଁ। ବାରମ୍ବାର ବିଲ୍ଡରଙ୍କୁ ଅଭିଯୋଗ କରିବା ପରେ ମଧ୍ୟ ଘରେ ଥିବା ସମସ୍ୟା ଗୁଡିକ ସମାଧାନ ହୋଇ ପାରିଲା ନାହିଁ। ତେଣୁ କରି ୪ ଜଣ ଗ୍ରାହକ ଖାଉଟି ଅଦାଳତର ଦ୍ୱାରସ୍ଥ ହୋଇଥିଲେ। ସେମାନେ ଜୁନ ମାସରେ ଖାଉଟି ଅଦାଳତରେ ମାମଲା କରିଥିଲେ। ଏହାକୁ ନେଇ ଏକ ଟିମ ଗଠନ କରାଯାଇଥିଲା। ତଦନ୍ତ ରିପୋର୍ଟକୁ ଆଧାର କରି ଦଣ୍ଡିତ କରାଯାଇଛି।

## ଦେଶୀ ବନ୍ଧୁକ ଜବତ, ୨ଗିରଫ

ବୁର୍ଲା, ୧୬।୧(ସମିସ):ବୁର୍ଲା ପୁଲିସ ଗୋଟିଏ ବେଆଇନ ଦେଶୀ ବନ୍ଧୁକ ଜବତ କରିଛି। ଏହି ଦେଶୀ ବନ୍ଧୁକ ଚୋରା ଚାଲାଣ କାରବାରରେ ବୁର୍ଲା ପୁଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବୁର୍ଲା ଡାକ୍ତର କଲୋନୀର ତୁଷାର କଂସ(୨୨) ଓ ଖେତରାଜପୁର ଥାନା ବଡବଜାରର ରାହୁଲ ମୁଖୀ (୨୬)। ସୂଚନା ଅନୁସାରେ ରାହୁଲ ପାଖରୁ ବନ୍ଧୁକ ଆଣି ତୁଷାର ବୁର୍ଲା ଥାନା ଅଞ୍ଚଳରେ ତଥା ଅନ୍ୟତ୍ର ବିକ୍ରି କରିବାକୁ ଯୋଜନା କରୁଥିବାବେଳେ ପୁଲିସ ମାଡି ବସିଥିଲା।



## ସମ୍ବଲପୁରରେ ସିଏ ଛାତ୍ରଛାତ୍ରୀଙ୍କ କର୍ମଶାଳା

ସମ୍ବଲପୁର, ୧୬।୧ (ସମିସ): ସମ୍ବଲପୁରରେ ସିଏଙ୍କ ପାଇଁ ଏକ ସେମିନାର ଆୟୋଜନ ହୋଇଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଯେ, ଛାତ୍ରମାନଙ୍କୁ ବିଭିନ୍ନ ଦିଗ ବିଷୟରେ ତାଲିମ ଦେବା। ଭବିଷ୍ୟତରେ କିଭଳି ଲାଭ ଦାୟକ ହେବ ସେନେଇ ବିସ୍ତାର ଭାବରେ ଆଲୋଚନା ହୋଇଥିଲା। କାମ କରିବାର ପ୍ରଣାଳୀ, ଏହାର ବ୍ୟବହାରିକ ଆଭିମୁଖ୍ୟ ଉପରେ ଆଲୋଚନା ହୋଇଥିଲା। ବରଗଡ଼ ଜିଲ୍ଲାର ଅଙ୍କିତ ଅଗ୍ରୱାଲ, ପ୍ରଣବ ଲାଠ, ଅନ୍ୟାନ୍ୟ କମିଟି ସଦସ୍ୟଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ସୁରୁଖୁରୁରେ କରାଯାଇଥିଲା।



## କଳ୍ପତରୁ ଆଶ୍ରମକୁ ଭିସୁଟର ସହାୟତା ବଣ୍ଟନ

ବୁର୍ଲା, ୧୬।୧(ସମିସ):ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ)ର ମହିଳା ସମିତି ପକ୍ଷରୁ ହୀରାକୁଦସ୍ଥିତ କଳ୍ପତରୁ ଅନାଥ ଆଶ୍ରମର ଅନ୍ତେବାସୀଙ୍କୁ ଷ୍ଟଡି ଟେବୁଲ ଓ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଚଳିତ ବର୍ଷ କମିଟିର ସଭାପତି ଚିନ୍ମୟୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଧରିତ୍ରୀ ମହାନ୍ତି, ତୃପ୍ତି ପାତ୍ର, ଜ୍ୟୋତିକା ରଣା, ଡ. ସସ୍ମିତା ବେହେରା, ଡ. ନିବେଦିତା ପଟେଲ, ଡ. ମନିଲା ମଲ୍ଲିକ ଓ ଡ. ସୌମ୍ୟ ସାସ୍ୱତୀ ଷଡ଼ଙ୍ଗୀ ପ୍ରମୁଖ ସଦସ୍ୟା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନାଥ ଆଶ୍ରମରେ କିଛି ସମୟ ଅତିବାହିତ କରି ସେଠାକାର ପରିବେଶ, ଚଳଣୀ, ଖାଦ୍ୟ, ପାଠପଢ଼ା ବିଷୟରେ ପଚାରି ବୁଝିଥିଲେ।



## ଶ୍ରୀରାମ ମନ୍ଦିର ବିଗ୍ରହ ପ୍ରତିଷ୍ଠା ଉତ୍ସବ ଦିନ ଛୁଟି ଘୋଷଣା ଦାବି

ସମ୍ବଲପୁର, ୧୬।୧(ସମିସ)ଆସନ୍ତା ୨୨ ତାରିଖରେଅଯୋଧ୍ୟା ଠାରେ ନବନିର୍ମିତ ଶ୍ରୀରାମ ମନ୍ଦିର ରେ ବିଗ୍ରହ ସ୍ଥାପନ ଓ ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଛି। ଏହାକୁ ନେଇ ଦେଶ ବ୍ୟାପି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ମାନ ଆୟୋଜନ ହେଉଛି। ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ପକ୍ଷରୁ ରାଜ୍ୟ ସ୍ତରୀୟ, ଜିଲ୍ଲା ସ୍ତରୀୟ, ବ୍ଲକ, ମ୍ୟୁନିସିପାଲିଟି, ମହାନଗର ନିଗମ ସ୍ତରୀୟ ଶାଖାର ଗଠନ କରାଯାଇ ଜନଜାଗରଣ ଓ ଜନସଚେତନତା କାର୍ଯ୍ୟକ୍ରମ



କରାଯାଉଛି। ଏହି ମର୍ମରେ ଆଜି ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସମ୍ବଲପୁର ଜିଲ୍ଲାପାଳଙ୍କ ଜରିଆରେ ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟ ଦୁଇ ଦଫା ଦାବି ପତ୍ର ପ୍ରଦାନ କରାଯାଇଛି। ଶ୍ରୀଜଗନ୍ନାଥ ପରିକ୍ରମାର ଶୁଭ ଉଦଘାଟନ ପାଇଁ ରାଜ୍ୟ ସରକାର ୧୭ ତାରିଖ ରାଜ୍ୟରେ ଛୁଟି ଘୋଷଣା କରିଛନ୍ତି। ତେଣୁ, ଅନୁରୂପ ଭାବେ ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠାର ଶୁଭ ଅବସରରେ ଆସନ୍ତା ୨୨ ତାରିଖକୁ ମଧ୍ୟ ରାଜ୍ୟ ସରକାର ଛୁଟି ଘୋଷଣା କରନ୍ତୁ ବୋଲି ଶାଖା ଦାବୀ କରିଛି। ଏହା ସହିତ ସେହି ଦିନ ରାଜ୍ୟ ରେ ମାଛ, ମାଂସ ଓ ମଦ ବିକ୍ରୀକୁ ମଧ୍ୟ ନିଷେଧ କରାଯାଉ ବୋଲି ଶାଖା ପକ୍ଷରୁ ଆହୁରି ଦାବୀ କରାଯାଇଛି। ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ସମ୍ବଲପୁର ମହାନଗର ନିଗମ ଶାଖାର ମୂଖ୍ୟ ସଂଯୋଜକ ଦାମୋଦର କରଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ରାମ କୃଷ୍ଣ ନାୟକ, ବିଶ୍ୱ ହିନ୍ଦୁ ପରିଷଦ ର ବିପିନ ଗଡ଼ନାୟକ ଓ ସତ୍ୟ ଥନାପତି, ବଜରଙ୍ଗ ଦଳ ର ରାମ ଚନ୍ଦ୍ର ନାଏକ ଆଜି ସମ୍ବଲପୁର ଜିଲ୍ଲାପାଳ ଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଆଲୋଚନ କରି ଦାବୀପତ୍ର ପ୍ରଦାନ କରିଥିଲେ।

## ବିଜେପି ପକ୍ଷରୁ ମନ୍ଦିର ସଫେଇ ଅଭିଯାନ

ସମ୍ବଲପୁର, ୧୬।୧(ସମିସ): ଆସନ୍ତା ୨୨ ତାରିଖରେ ଉତ୍ତରପ୍ରଦେଶର ଅଯୋଧ୍ୟା ଠାରେ ନବନିର୍ମିତ ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଛି। ଦେଶର ସମସ୍ତ ମଠ ମନ୍ଦିରରେ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ପ୍ରସାଦ ବଣ୍ଟନ ହେବା ସହିତ ସମସ୍ତ ଘରେ ଦିପୋତ୍ସବ ପାଳନ କରିବା ପାଇଁ ପ୍ରସ୍ତୁତି ହେଉଛି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଦେଶର ସମସ୍ତ ମନ୍ଦିରକୁ ସଫାସୁତୁରା କରାଯାଉଛି। ୧୩ ରୁ ୧୯ ସପ୍ତାହେ ବ୍ୟାପି ସମସ୍ତ ଅଞ୍ଚଳରେ ରହିଥିବା ମନ୍ଦିର ଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନ କରାଯାଉଛି। ଏହି ମର୍ମରେ ଆଜି ସମ୍ବଲପୁର ବିଜେପି ପକ୍ଷରୁ ବିଭିନ୍ନ ମନ୍ଦିର ଗୁଡିକରେ ସଫେଇ ଅଭିଯାନ କରାଯାଇଛି। ବିଜେପି ଜିଲ୍ଲା ସଭାପତି ଗିରିଶ ପଟେଲଙ୍କ ନେତୃତ୍ୱରେ ସ୍ଥାନୀୟ ବୃକ୍ସ ହିଲସ୍ଥିତ ଶ୍ରୀରାମ ମନ୍ଦିରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ଭିତରେ ଓ ବାହାରେ ରହିଥିବା ଅଳିଆ ଆବର୍ଜ୍ଜନାକୁ ଫିଙ୍ଗା ଯାଇ ପାଣିରେ ଧୁଆ ଯାଇଥିଲା। ଜିଲ୍ଲାର ବିଭିନ୍ନ ମଣ୍ଡଳରେ ଆଜି ଏହି ସଫେଇ ଅଭିଯାନ କାର୍ଯ୍ୟକ୍ରମ କରାଯାଇଛି। ସାକ୍ଷୀଗୋପିନାଥ ମଣ୍ଡଳର ଆଜିର ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ସରୋଜ କୁମାର ଘଡେଇ, ଶିବ କୁମାର୍ ଅଗ୍ରୱାଲ, କର୍ଣ୍ଣଲ ପ୍ରଭାତ ପଣ୍ଡା, ମାନସ ରଞ୍ଜନ ବକ୍ସି, ଅଶ୍ୱିନୀ ମାଝୀ, ପ୍ରଦିପ କୁମାର ବେହେରା, ଟୁକୁ ମହାନ୍ତି, ଫଣ୍ଟୁସ ଅଗ୍ରୱାଲ, ଶିବ ନାରାୟଣ ସୋନି, ଯୁଗଳ ରେ‡ୀ, ଟେକଧର କର ପ୍ରମୁଖ ସାମିଲ ଥିଲେ।



# ରାଷ୍ଟ୍ର ପାଇଁ ପାଞ୍ଚୋଟି ଦୀପ ପ୍ରଜ୍ୱଳନର ଆହ୍ୱାନ



ସମ୍ବଲପୁର ୧୬।୧(ସମିସ): ଦୀର୍ଘ ଦିନର ପ୍ରତୀକ୍ଷା ପରେ ଅଯୋଧ୍ୟାରେ ଶ୍ରୀରାମ ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଛି। ଶ୍ରୀରାମ ଭକ୍ତ ଏହି ବିଶେଷ ଦିନକୁ ଐତିହାସିକ ଓ ସ୍ମରଣୀୟ ତଥା ଆକର୍ଷଣୀୟ କରିବା ପାଇଁ ସମ୍ବଲପୁରର ଜନସାଧାରଣଙ୍କୁ ପ୍ରତି ଘରେ ଅନ୍ତତଃ ପାଞ୍ଚୋଟି ଦୀପ ପ୍ରଜ୍ୱଳନ କରିବା ପାଇଁ ଆହ୍ୱାନ କରିଛନ୍ତି।ଏକ ଷ୍ଟିକର ରାଷ୍ଟ୍ର ପ୍ରେମୀ ତଥା ଶ୍ରୀରାମଙ୍କର ପ୍ରତି ଶ୍ରଦ୍ଧା ରଖୁଥିବା ସାମାଜିକ କର୍ମୀ, ସାମ୍ବାଦିକ ତଥା ବୁଦ୍ଧିଜୀବୀଙ୍କର ଦ୍ୱାରା ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଉନ୍ମୋଚିତ କରାଯାଇଥିଲା

ସେହିପରି ସ୍ଥାନୀୟ ବାଲିବନ୍ଧା ଠାରେ ଥିବା ଶ୍ରୀ ଶ୍ରୀ ଶ୍ରୀ ସୋମନାଥ ବାବାଙ୍କ ମନ୍ଦିରରେ ମଧ୍ୟ ସଫେଇ ଅଭିଯାନ କରାଯାଇଛି। ମହାନଦୀ ମଣ୍ଡଳ ପକ୍ଷରୁ ମଣ୍ଡଳ ସଭାପତି ସୁଶାନ୍ତ କୁମାର ପୁରୋହିତଙ୍କ ନେତୃତ୍ୱରେ ହୋଇଥିବା ଏହି ବିଶେଷ କାର୍ଯ୍ୟକ୍ରମରେ ଅନିଲ ବେହେରା, ଫଣି ଭୂଷଣ ମିଶ୍ର, ସମୀର ରଞ୍ଜନ ବାବୁ, ସୁବ୍ରତ ପାଣିଗ୍ରାହି, ସୁଧାଂଶୁ ବେହେରା, ସୋମିକ ବାବୁ, ପ୍ରଦୀପ ସୂପକାର, ସୁନିଲ ମହାରଣା, ଲକ୍ଷ୍ମୀ ପ୍ରିୟା ଜେନା ପ୍ରମୁଖ ସାମିଲ ଥିଲେ।

## ‘୫-ଟି’ ଅଧ୍ୟକ୍ଷଙ୍କ ପ୍ରତିଶ୍ରୁତି, ସ୍ଥଗିତ ହେଲା ସମାବେଶ

ଭୁବନେଶ୍ୱର, ୧୬।୧(ସମିସ): ଆସନ୍ତା ୧୯ ତାରିଖରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ହେବାକୁ ଥିବା ସମାବେଶକୁ ସ୍ଥଗିତ ରଖାଯାଇଛି। ସଂଘ ପକ୍ଷରୁ ୧୪ଦଫା ଦାବି ନେଇ ଏକ ବିଶାଳ ସମାବେଶ ପାଇଁ ଯୋଜନା କରାଯାଇଥିଲା। ମାତ୍ର ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ପ୍ରତିଶ୍ରୁତିକୁ ଲକ୍ଷ୍ୟ କରି ସଂଘ ପକ୍ଷରୁ ଏହି ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ସମାବେଶ ପୂର୍ବରୁ ଗତ ଜାନୁଆରୀ ୧୩ ତାରିଖରେ ସଂଘର ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି ଓ ଏହା ପୂର୍ବରୁ ୧୨ ତାରିଖରେ ସଂଘର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ରାଜ୍ୟ ସରକାରଙ୍କ କେନ୍ଦୁପତ୍ର କଲ୍ୟାଣ ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି ‘୫-ଟି’ ଅଧ୍ୟକ୍ଷଙ୍କୁ ସମ୍ବଲପୁର ସର୍କିଟ୍ ହାଉସରେ ସାକ୍ଷାତ କରି ସଂଘର ଦାବି ସମ୍ପର୍କରେ ଅବଗତ କରାଇଥିଲେ। ଏହାସହ ସମ୍ବଲପୁର, ରେଙ୍ଗାଲି, କୁଚିଣ୍ଡା ଓ ରେଢାଖୋଲରେ ଅନୁଷ୍ଠିତ ସାଧାରଣ ସଭାଗୁଡ଼ିକରେ କେନ୍ଦୁପତ୍ର ତୋଳାଳି କର୍ମଚାରୀମାନେ ସେମାନଙ୍କ ଦାବି ସମ୍ପର୍କରେ ଶ୍ରୀ ପାଣ୍ଡିଆନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଗାମୀ ୧୫ଦିନ ମଧ୍ୟରେ କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀମାନଙ୍କ ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଏକ ବଡ ଘୋଷଣା କରିବେ ଏବଂ ବହୁ ଦିନର ଦାବି କନ୍ୟା ବିବାହ ଆର୍ଥିକ ସହାୟତା ମଧ୍ୟ ପୁନର୍ବାର ପ୍ରଚଳନ କରାଯିବ, ଜିଏସଟିର ରାଜ୍ୟ ସରକାର ଅଂଶକୁ ମଧ୍ୟ କେନ୍ଦୁପତ୍ର ସଂସ୍ଥାକୁ ଦିଆଯିବା ନେଇ ଶ୍ରୀ ପାଣ୍ଡିଆନ ରେଢାଖୋଲ ସାଧାରଣ ସଭାରେ ଘୋଷଣା କରିଥିଲେ। ଏହି ଘୋଷଣାକୁ ସମ୍ମାନ ଜଣାଇ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉପରେ ଆସ୍ଥା ପ୍ରକଟ କରି ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଜାନୁଆରୀ ୧୯ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ସମାବେଶକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ଏସୟୁ ଓ ନାନ୍ଦୀ ଫାଉଣ୍ଡେସନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ବୁର୍ଲା, ୧୬।୧(ସମିସ)

ସମ୍ବଲପୁର ବିଶ୍ୱବିଦ୍ୟାଳୟର ଛାତ୍ରୀମାନଙ୍କର ଦକ୍ଷତା ବିକାଶ ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ ନାନ୍ଦୀ ଫାଉଣ୍ଡେସନ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏହି ଏମଓୟୁ ଦ୍ୱାରା ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ ସୁଇଟ୍‌ର ବିଭିନ୍ନ ପିଜି ପାଠ୍ୟକ୍ରମ ଓ ବୈଷୟିକ ପାଠ୍ୟକ୍ରମରେ ପଢୁଥିବା ଛାତ୍ରୀମାନଙ୍କ ପାଇଁ ଯଥାକ୍ରମେ ୩୬ ଘଣ୍ଟିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ। ଏହି କାର୍ଯ୍ୟକ୍ରମରେ ଝିଅମାନଙ୍କୁ ଯୋଗାଯୋଗ, ସମୟ ପରିଚାଳନା, ଚାପ ପରିଚାଳନା, ସଂଘର୍ଷ ସମାଧାନ, ଆତ୍ମପ୍ରେରଣା ଇତ୍ୟାଦି ବିଭିନ୍ନ ସଫ୍ଟ ସ୍କିଲ୍ ଏବଂ ଜୀବନ କୌଶଳ ବିଷୟରେ ଶିକ୍ଷା ଦେବା ଉପରେ ଗୁରୁତ୍ୱ ଦିଆଯାଇଛି। ୨୦୨୪ ଜାନୁଆରି ଶେଷ ସପ୍ତାହରୁ ପ୍ରଥମ ବ୍ୟାଚ୍ ପ୍ରଶିକ୍ଷଣ ଆରମ୍ଭ କରାଯିବା ନେଇ ଯୋଜନା ରହିଛି। ଏହି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ମାଗଣାହେବ ଏବଂ ସଫଳତାର ସହ କାର୍ଯ୍ୟକ୍ରମ ଶେଷ କରିଥିବା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ୍ ମଧ୍ୟ



ପ୍ରଦାନ କରାଯିବ। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ର, ଡେପୁଟି ରେଜିଷ୍ଟାର ଅଶୋକ କୁମାର ରଥ, ପ୍ଲେସମେଣ୍ଟ ଅଫିସର ଚିନ୍ମୟ ପୁରୋହିତ, ଆଞ୍ଚଳିକ ପ୍ରବନ୍ଧକ ଦେବନାଥ ବୋରାଳ ଏବଂ ଓଡ଼ିଶା ରାଜ୍ୟ ସଂଯୋଜକ ମୁନମୁନ ସିଂହଙ୍କ ଉପସ୍ଥିତିରେ ଭାରପ୍ରାପ୍ତ ରେଜିଷ୍ଟାର ଅଶୋକ କୁମାର ବେହେରା ଓ ନାନ୍ଦୀ ଫାଉଣ୍ଡେସନର ମୁଖ୍ୟ ଦକ୍ଷତା ଅଧିକାରୀ ରାଧା ବରଦରାଜନ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଯେଉଁ ଝିଅମାନେ ସାଧାରଣ ପୃଷ୍ଠଭୂମିରୁ ଆସୁଛନ୍ତି ଏବଂ ପେଡ୍ ପାଠ୍ୟକ୍ରମରେ ଯିବାକୁ ସକ୍ଷମ ନୁହଁନ୍ତି ସେମାନଙ୍କ ପାଇଁ ଏହା ବହୁତ ଭଲ ପଦକ୍ଷେପ ହେବ ବୋଲି କୁଳପତି ପ୍ରଫେସର ମିଶ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର ଛାତ୍ରୀଙ୍କ ପ୍ରଶିକ୍ଷଣ ଏବଂ ଦକ୍ଷତାକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ ଏବଂ ଛାତ୍ରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବ। କ୍ୟାରିୟର କାଉନସେଲିଂ ଆଣ୍ଡ ପ୍ଲେସମେଣ୍ଟ ସେଲ୍‌ଫ (ଏସୟୁ)ର ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ବିଭିନ୍ନ ବ୍ୟାଚରେ ୨୦୨୫ ମସିହା ପର୍ଯ୍ୟନ୍ତ ଚାଲିବ। ଯେଉଁଥିରେ ପ୍ରତି ବ୍ୟାଚରେ ୫୦-୬୦ ଜଣ ଛାତ୍ରୀ ରହିବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

